ସାପ୍ତାହିକ
ସ୍ୱୀକାର
Postal Regd. No.: SBP/RN-01/2022-2024
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା
RNI No. 66443/94
Vol.26 | Issue - 12 | 20 - 27 March 2022 | Sambalpur | Page-12 | Invitation Price Rs.10

# ନାମ ସଂକୀର୍ତ୍ତନରେ ଅପାର ଶକ୍ତି ରହିଛି: ଶ୍ରୀଦାମ କିଙ୍କର ମହାରାଜ







## ପଶ୍ଚିମ ଓଡିଶା ସଂକୀର୍ତ୍ତନ ପରିଷଦର ଦ୍ୱାଦଶ ବାର୍ଷିକୋତ୍ସବ

ସମ୍ବଲପୁର : ଭଗବାନଙ୍କ ନାମ ସଂକୀର୍ତ୍ତନରେ ଅପାର ଶକ୍ତି ରହିଛି । ଭଗବାନ ଆମକୁ ସବୁ ଦେଉଥିବାରୁ ତା ବଦଳରେ ତାଙ୍କ ନାମ ନେବା ଆମ ସମସ୍ତଙ୍କର କର୍ତ୍ତବ୍ୟ




ବୋଲି ବୃନ୍ଦାବନ ନିବାସୀ ସନ୍ଥ ଶ୍ରୀ ଦାମକିଙ୍କର ଦାସଜୀ ମହାରାଜ କହିଛନ୍ତି ।

ଏଠାରେ ଆୟୋଜିତ ପଶ୍ଚିମ ଓଡିଶା ସଂକୀର୍ତ୍ତନ ପରିଷଦର ଦ୍ୱାଦଶ ବାର୍ଷିକୋତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଶ୍ରୀ ଦାମକିଙ୍କର ଜୀ କହିଥିଲେ ଯେ, ଭଗବାନଙ୍କ ବିନା ମାନବ ଜାତିର କୌଣସି ସତ୍ତା ନାହିଁ । ଭଗବାନ ସର୍ବତ୍ର ବିଦ୍ୟମାନ ଥିବାରୁ ସେ ଭକ୍ତର ଡାକ ସହଜରେ ଶୁଣିଥାନ୍ତି । କଳି ଯୁଗରେ ହରିନାମ ସଂକୀର୍ତ୍ତନ ହିଁ ସଂସାର ବନ୍ଧନକୁ ଖଣ୍ଡନ କରି ମୋକ୍ଷ ପ୍ରାପ୍ତି କରାଇବାରେ ସହାୟକ ହୋଇଥାଏ । ତେଣୁ ଜୀବନର ପ୍ରତି ମୁହୂର୍ତ୍ତକୁ ହରି ରସାୟନରେ ରସଶିକ୍ତ କରିବା ପାଇଁ ସେ ପରାମର୍ଶ ଦେଇଥିଲେ ।

ପରିଷଦର ସଭାପତି ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତା ତଥା ସନ୍ତୋଷ କୁମାର ବାରିକଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ପୂର୍ବତନ ରାଜ୍ୟସଭା ସାଂସଦ ସୁଶ୍ରୀ ପ୍ରମିଳା ବହିଦାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସମ୍ପ୍ରତି ସମାଜରେ ଦେଖା ଦେଉଥିବା ବିଶୃଙ୍ଖଳା ଦୂର କରିବାରେ ହରିନାମ ସଂକୀର୍ତ୍ତନ ହିଁ ଏକମାତ୍ର ପନ୍ଥା ବୋଲି ମତବ୍ୟକ୍ତ କରିଥିଲେ ।

ବରଗଡ଼ର ପୂର୍ବତନ ଲୋକସଭା ସାଂସଦ ଡକ୍ଟର ପ୍ରଭାସ ସିଂ ଅନ୍ୟତମ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ସଂକୀର୍ତ୍ତନକୁ ବଞ୍ଚାଇ ରଖିବା ପାଇଁ ସବୁ ସ୍ତରରେ ଉଦ୍ୟମ ହେବାର ଆବଶ୍ୟକତା ଥିବା ପ୍ରକାଶ କରିଥିଲେ ।

ଏହି ଅବସରରେ ପ୍ରକାଶିତ ଏକ ସ୍ମରଣିକାକୁ ଅତିଥି ମାନେ ଉନ୍ମୋଚନ କରିଥିଲେ । ଚଳିତ ବର୍ଷ ବରଗଡ଼ ଜିଲ୍ଲା ଭଟଲି ବ୍ଲକ ଗୌଡ଼ପାଲି ଗ୍ରାମର ସଂକୀର୍ତ୍ତନ ଗୁରୁ ନରସିଂହ ଦାଶଙ୍କୁ 'ଚୈତନ୍ୟ ପୁରସ୍କାର' ଦିଆଯାଇଥିବା ବେଳେ ସୁନ୍ଦରଗଡ଼ ଜିଲ୍ଲାର ସ୍ୱର୍ଗତ ଦୀପକ କୁମାର ମିଶ୍ର ଏବଂ ବରଗଡ଼ ଜିଲ୍ଲାର ସ୍ୱର୍ଗତ ଭୀମସେନ ପଟ୍ଟନାୟକଙ୍କୁ ଯଥାକ୍ରମେ 'ଶ୍ରେଷ୍ଠ ଗାୟକ' ଓ 'ଶ୍ରେଷ୍ଠ ବାୟକ' ଭାବେ ମରଣୋତ୍ତର ସମ୍ମାନ ପ୍ରଦାନ କରାଯାଇଥିଲା । ସେହିପରି କନ୍ଧମାଳ ଜିଲ୍ଲାର ଅଜୟ କହଁରଙ୍କୁ 'ଶ୍ରେଷ୍ଠ ଜିଲ୍ଲା ସଂଯୋଜକ' ଓ କୁଚିଣ୍ଡାର ଶ୍ରୀମତୀ ପୁଷ୍ପଲତା ପଟେଲଙ୍କୁ 'ଶ୍ରେଷ୍ଠ ବ୍ଲକ ସଂଯୋଜକ' ରୂପେ ପୁରସ୍କୃତ କରାଯାଇଥିଲା । ସଭା ପ୍ରାରମ୍ଭରେ ପରିଷଦର ଦିବଙ୍ଗତ କର୍ମକର୍ତ୍ତା ଓ ସଭ୍ୟ ମାନଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ପରିଷଦର ସମ୍ପାଦକ ଲୋକନାଥ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ରାଜେନ୍ଦ୍ର ବେହେରା ଧନ୍ୟବାଦ



ଅର୍ପଣ କରିଥିଲେ । ପରେ ଅରୁଣ କୁମାର ସାହୁ ଓ ସତ୍ୟନାରାୟଣ ବିଶିଙ୍କ ସଂଯୋଜନାରେ ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ଅନ୍ତର୍ଗତ ଚାଲୁକୁଲୁଣ୍ଡା ଗ୍ରାମର ଅଲେଖ ପ୍ରଧାନଙ୍କ ଦଳ, ଦେବଗଡ଼ ଜିଲ୍ଲାର ସାଧୋପାଲି ଗ୍ରାମର ଆଶାରାଣୀ ଭୋଇଙ୍କ ଦଳ, ସମ୍ବଲପୁର ଜିଲ୍ଲାର ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ ସାତସମାର ବାସୁଦେବ ଷଡ଼ଙ୍ଗୀଙ୍କ ଦଳ, ଝାରସୁଗୁଡା ଜିଲ୍ଲା ଲଖନପୁର ବ୍ଲକର ଖଗେଶ୍ୱର ସାହୁଙ୍କ ଦଳ, କନ୍ଧମାଳ ଜିଲ୍ଲା ବାଳମପଦରର ସନାତନ ମଲ୍ଲିକଙ୍କ ଦଳ, ସୁନ୍ଦରଗଡ଼ ଜିଲ୍ଲା ବାଲିଶଙ୍କରା ବ୍ଲକ ଅନ୍ତର୍ଗତ ଗାଇକନପାଲିର ନୀତେଶ ସିଂଙ୍କ ଦଳ, ସୁବର୍ଣ୍ଣପୁର ଜିଲ୍ଲା କସ୍ତୁରୀପାଲି ଗ୍ରାମର ଶାନ୍ତନୁ ମହାକୁଡଙ୍କ ଦଳ୍, ନୂଆପଡା ଜିଲ୍ଲା ପଗରପାଣିର ଲଳିତା ବେମାଲଙ୍କ ଦଳ, ସମ୍ବଲପୁର ଜିଲ୍ଲାର ବରଗାଁ ଓ ଭତରା ଦଳ ସଂକୀର୍ତ୍ତନ ପରିବେଷଣ କରିଥିଲେ । ପରିଷଦର ପୂର୍ବତନ ସଭାପତି ରାଜେନ୍ଦ୍ର ଅଗ୍ରୱାଲ, ସହ ସମ୍ପାଦକ ଚିତ୍ତ ରଞ୍ଜନ ପୂଜାରୀ, କୋଷାଧ୍ୟକ୍ଷ ରାଧାକାନ୍ତ ପାଣିଗ୍ରାହୀ, ବରଗଡ଼ ଜିଲ୍ଲା ସଂଯୋଜକ ଲଳିତ ଭୋଇ, ସମ୍ବଲପୁର ଜିଲ୍ଲା ସଂଯୋଜକ ଦିଲୀପ ବଡ୍ଢେଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଏ ସଂଖ୍ୟାରେ..



ପୋଷକ ତତ୍ତ୍ୱରେ ଭରପୁର ରାଜମା



ପ୍ରାକୃତିକ ପେନ୍‌କିଲର



ଓଜନ କମାଇବ ଇସବଗୁଲ୍



କୋଲେଷ୍ଟରଲ କମାଏ ଦହି



ସାଗୁଦାନାର ଉପକାରିତା

# ଘେଁସରେ ଭାଷା ସାହିତ୍ୟର ମହାକୁମ୍ଭ 'ମେଲନ୍ ମେସନ୍'





ବରଗଡ଼ : ଘେଁସ ସ୍ଥିତ ଅଭିମନ୍ୟୁ ସାହିତ୍ୟ ସଂସଦର ମେଲନ୍ ମେସନ୍ ୨୦୨୨ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶ୍ରମ ତଥା ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇ ଅଭିମନ୍ୟୁ ଭବନଠାରେ ସ୍ୱଭାବକବି ଗଙ୍ଗାଧର ମେହେର ଓ ସାହିତ୍ୟପ୍ରାଣ କବି ଖଗେଶ୍ୱର ସେଠଙ୍କ ନବନିର୍ମିତ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଥିଲେ । ପରେ ସାହିତ୍ୟ ସଂସଦ ସଭାପତି ଲେଖକ ସୁଶାନ୍ତ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ କବି ସଞ୍ଜୟ କୁମାର ମିଶ୍ର ମୁଖ୍ୟବକ୍ତା, ସାହିତ୍ୟିକ ଅଶୋକ ମହାପାତ୍ର, ଡକ୍ଟର ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ, ଦିବ୍ୟକିଶୋର ଦେବତା, କେଶରଞ୍ଜନ ପ୍ରଧାନ, ଅଶୋକ ବହିଦାର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ସଂସଦର ବରିଷ୍ଠ ସଦସ୍ୟ ଅଶୋକ ପୂଜାହାରୀ ଉଦ୍ଦେଶ୍ୟ ଜ୍ଞାପନ ଓ ପରିଚୟ ପ୍ରଦାନ କରିଥିଲେ । ୨୦୨୧ ବର୍ଷ ପାଇଁ ବଲାଙ୍ଗିରର ସାହିତ୍ୟିକ ନାମଯଜ୍ଞ ମିଶ୍ରଙ୍କୁ 'ଅଭିମନ୍ୟୁ ସମ୍ମାନ', ଅନିଲ କୁମାର ଦାଶଙ୍କୁ ଆଲୋଚନା, ରୋହିତ କୁମାର ଦାଶଙ୍କୁ କଥାନି, ଅତୀଶ କୁମାର ଶତପଥୀଙ୍କୁ ନାଟକ ଓ ହରିଲାଲ ସାହୁଙ୍କୁ କବିତା ବିଭାଗ ପାଇଁ ବଉଲ ସମ୍ମାନ ପ୍ରଦାନ କରାଯାଇଥିଲା । ବିଶିଷ୍ଟ ମୂର୍ତ୍ତି ଶିଳ୍ପୀ ଅମୂଲ୍ୟ ଭୋଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ସଂସଦର ମୁଖପତ୍ର 'ବଉଲ' ପତ୍ରିକା, ଉକିଆ ସାହିତ୍ୟ ସଂସଦର 'ଉକିଆ ଜନ' ପତ୍ରିକା, ଡକ୍ଟର ସୁବାସ ମେହେରଙ୍କ ନାଟକ ସଂକଳନ 'ସପ୍ତବର୍ଣ୍ଣା', ମୀନୁ ହୋତାଙ୍କ ଉପନ୍ୟାସ 'ନନ୍ଦିନୀ', ନୀରଜ ଦାଶଶର୍ମାଙ୍କ 'ପାଟବେନ୍ଦଲା', ସୁକୁମାରଙ୍କ 'ଜୀବନର ରଙ୍ଗ', ଭୁବନେଶ୍ୱର ସେଠଙ୍କ 'କୃଷ୍ଣ ସୁଦାମା' ଆଦି ପୁସ୍ତକ ଉନ୍ମୋଚିତ ହୋଇଥିଲା । ଡକ୍ଟର ସୁବାସ ମେହେରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନରେ ସାହିତ୍ୟିକ ଉପନ୍ନ ଭୋଇ, ମୋହନ ସିଂହ କହ୍ନେଇ, ସୋମନାଥ ପଧାନ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ । ସୁକୁମାର ଭୋଇ କବିତା ସଂଯୋଜନା କରିଥିଲେ । ସାହିତ୍ୟ ସଂସଦ ସମ୍ପାଦକ ଶୋଭାଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ସଙ୍କୀର୍ତ୍ତନ ଗାୟିକାରୁ ଜିଲ୍ଲା ପରିଷଦ ସଭାପତି

ସୁନ୍ଦରଗଡ଼ : ସାଧାରଣ ପରିବାରରୁ ଆସିଥିବା ନବ ନିର୍ବାଚିତ ଜିଲା ପରିଷଦ ସଭାପତି କୁନ୍ତୀ ପ୍ରଧାନଙ୍କ ଜୟଯାତ୍ରା ପଛରେ ତାଙ୍କର ନିଷ୍ଠାପର ଗୋଷ୍ଠୀ ଭିତ୍ତିକ କାର୍ଯ୍ୟଦକ୍ଷତା ତାଙ୍କୁ ଦେଇଛି ରାଜନୈତିକ ସଫଳତା । ରାଜନୈତିକ ଜୀବନ ବ୍ୟତୀତ ଜଣେ ସଂକୀର୍ତ୍ତନ ଗାୟିକା ଭାବେ ସେ ବେଶ୍ ପରିଚିତ । ଜିଲାର ବିଭିନ୍ନ ସ୍ଥାନରେ, ଜିଲା ବାହାରେ ସେ ସଂକୀର୍ତ୍ତନ ପରିବେଷଣ କରି ବେଶ୍ ସୁନାମ ଅର୍ଜନ କରିଛନ୍ତି । ସଂକୀର୍ତ୍ତନ ମାଧମରେ ସେ ଗୀତା, ଭାଗବତ, ପୁରାଣ ପାଠକରି ଲୋକଙ୍କ ମଧରେ ଆଧାତ୍ମିକ ଚେତନା ସୃଷ୍ଟି କରିଚାଲିଛନ୍ତି । ସେ ଆଜି ସଙ୍କୀର୍ତ୍ତନ ଗାୟିକାରୁ ଜିଲା ପରିଷଦ ସଭାପତି ହୋଇ ପାରିଛନ୍ତି । ଜିଲାର ଟାଙ୍ଗରପାଲି ଗ୍ରାମରୁ ଆସି ସୁନ୍ଦରଗଡ ସରକାରୀ ମହିଳା ମହାବିଦ୍ୟାଳୟରେ ଶିକ୍ଷା ଗ୍ରହଣ କରିଥିଲେ । ପରିବାରର ଆର୍ଥିକ ସ୍ଥିତି ଠିକ ନ ଥିବାରୁ ବେଶୀ ପଢ଼ିପାରି ନ ଥିଲେ । ସିଲେଇ ଶିଖି ନିଜେ ଦୁଇ ପଇସା ରୋଜଗାର କରି ଆତ୍ମନିର୍ଭରଶୀଳ ହେଲେ । ଏହା ପରେ ଗାଁରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ଗୋଷ୍ଠୀ ସହାୟିକା ଦାୟିତ୍ୱ ତୁଲାଇବା ସହ ଦକ୍ଷତା ବିକାଶ ଆଧାରରେ ତାଙ୍କୁ ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କାର୍ଯ୍ୟକ୍ରମରେ ସିଲେଇ ଟ୍ରେନିଂ ଦେବା ପାଇଁ ସିଲେଇ ପ୍ରଶିକ୍ଷିକା ଭାବେ ନିଯୁକ୍ତି ମିଳିବା ସହ ମିଶନ ଶକ୍ତି ଜିଲା ସମ୍ପାଦିକା ଦାୟିତ୍ୱ ମିଳିଥିଲା । ସରକାରଙ୍କ ଖାଦ୍ୟ ପୁଷ୍ଟିସାର, ମୋ' ବଗିଚା ଓ ମହିଳା ସଶକ୍ତିକରଣ କାର୍ଯ୍ୟକ୍ରମରେ ସଫଳତାର ସହ ତାଲିମଦାତା ଭାବେ କାର୍ଯ୍ୟନିର୍ବାହ କରି ପ୍ରଶଂସା ସାଉଁଟି ଥିଲେ ।

## କୌଶିକ ପ୍ରଧାନ ଦେବଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷ

ଦେବଗଡ : ଦେବଗଡ଼ ଜିଲ୍ଲାର ନୂତନ ଜିଲା ପରିଷଦ ଅଧ୍ୟକ୍ଷ ଭାବେ ବିଜୁ ଜନତା ଦଳର କୌଶିକ କୁମାର ପ୍ରଧାନ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି । ଶ୍ରୀ ପ୍ରଧାନ ଜିଲା ପରିଷଦ ଜୋନ-୧ରୁ ବିଜେଡି ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦିତା କରି ନିକଟତମ ପ୍ରତିଦ୍ୱନ୍ଦୀ ବିଜେପି ପ୍ରାର୍ଥୀ ବିରେନ କୁମାର ପ୍ରଧାନଙ୍କୁ ୧୬୮୧୭ଟି ଭୋଟରେ ପରାସ୍ତ କରି ଜିଲ୍ଲା ପରିଷଦ ସଦସ୍ୟ ଭାବେ ନିର୍ବାଚିତ ହୋଇଥିଲେ ।



ସୂଚନା ଯୋଗ୍ୟ ଯେ, ନବ ନିର୍ବାଚିତ ଜିଲା ପରିଷଦ ସଭାପତି ଶ୍ରୀ ପ୍ରଧାନଙ୍କ ପିତା ଇନ୍ଦୁକାନ୍ତ ପ୍ରଧାନ ଅତୀତରେ କଂଗ୍ରେସ ଦଳ ସମର୍ଥନରେ ଦୁଇ ଥର ରିଆମାଳ ବ୍ଲକ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ । ସେହିପରି କଂଗ୍ରେସ ଦଳ ପକ୍ଷରୁ ବିଧାନସଭା ନିର୍ବାଚନରେ ମଧ ପ୍ରତିଦ୍ୱନ୍ଦିତା କରିଥିଲେ । ମାଁ ବାସନ୍ତୀ ପ୍ରଧାନ ମଧ ଥରେ ରିଆମାଳ ବ୍ଲକର ଉପାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ । ଗତ ଜିଲା ପରିଷଦ ନିର୍ବାଚନର କିଛିଦିନ ପୂର୍ବରୁ କୌଶିକ ପିତା ଇନ୍ଦୁକାନ୍ତଙ୍କ ସହ ବିଜେଡି ଦଳରେ ସାମିଲ ହୋଇ ଦଳୀୟ ଟିକେଟ ହାସଲ କରି ରିଆମାଳ ଜୋନ-୧ରୁ ଜିଲ୍ଲାର ସର୍ବ କନିଷ୍ଠ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦିତା କରିବାସହ ନିକଟତମ ପ୍ରତିଦ୍ୱନ୍ଦୀ ବିଜେପି ପ୍ରାର୍ଥୀ ବିରେନ କୁମାର ପ୍ରଧାନଙ୍କ ଠାରୁ ୧୬୮୧୭ଟି ଭୋଟରେ ବିଜୟୀ ହୋଇଥିଲେ । କୌଶିକ ମୋଟ ୨୨୯୯୧ଟି ଭୋଟ ପାଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦୀ ବିରେନ ମାତ୍ର ୬୧୭୪ଟି ଭୋଟ ପାଇଥିଲେ ।

## ସମ୍ବଲପୁର କଳା ଏକାଡ଼େମୀର ବାର୍ଷିକୋତ୍ସବ

ସମ୍ବଲପୁର : ସମ୍ବଲପୁର କଳା ଏକାଡେମୀର ୨୮ ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏକାଡେମୀର ଅଧ୍ୟକ୍ଷ ସଞ୍ଜୟ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଗଙ୍ଗାଧର





ମେହେର ମହାବିଦ୍ୟାଳୟର ଅବସରପ୍ରାପ୍ତ ଇଂରାଜୀ ପ୍ରଫେସର କାମଦେବ ସାହୁ ମୁଖ୍ୟଅତିଥି ଓ ଜମନକିରା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡକ୍ଟର ବସନ୍ତ ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅନୁଷ୍ଠାନର ଛାତ୍ରୀ ପ୍ରାର୍ଥନା ବାରୁ, ସ୍ନିଗ୍ଧା ପଣ୍ଡା, ତନୀଶା ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏକାଡେମୀ ପକ୍ଷରୁ ଆୟୋଜିତ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାର ୭୦ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ସେହିପରି ବିଶିଷ୍ଟ ଯୁବ ଚିତ୍ରଶିଳ୍ପୀ ବନ୍ଦନା ପଣ୍ଡା ଓ ସୁଜାତା ବେହେରାଙ୍କୁ ଏକାଡେମୀ ସମ୍ମାନରେ ସମ୍ମାନିତ କରାଯାଇଥିଲା । ପୁରସ୍କାର ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ଅନୁଷ୍ଠାନର କଳା ଶିକ୍ଷକ ପବିତ୍ର ବେରିହା ଏବଂ ନମ୍ରତା ନାୟକ ସଞ୍ଚାଳନ କରିଥିବା ବେଳେ କରୁଣାକର ଶତପଥୀ ଓ ସୂର୍ଯ୍ୟ ପାଣିଗ୍ରାହୀ ମାନପତ୍ର ପାଠ କରିଥିଲେ । ଏକାଡେମୀର ଶିକ୍ଷାର୍ଥୀ ଖୁସି ସାହା, ସିଦ୍ଧି ସମୃଦ୍ଧି ପଣ୍ଡା, ବି.ଚିତ୍ତସ୍ୱରୂପା, ରାକେଶ ପୃଷ୍ଟି ପ୍ରମୁଖ ସ୍ୱର ସାମ୍ରାଜ୍ଞୀ ସ୍ୱର୍ଗତା ଲତା ମଙ୍ଗେଶକରଙ୍କୁ ଲାଇଭ୍ ପେଣ୍ଟି ଦ୍ୱାରା ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସ୍ମୃତି ମିଶ୍ର ସଙ୍ଗୀତ ଗାନ କରିଥିବା ବେଳେ ଶ୍ରଦ୍ଧା ସୁମନ ସାହୁ, ତନୀଶା ପଣ୍ଡା ସମ୍ବଲପୁରୀ ଓ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ । ଶେଷରେ ଜଗନ୍ନାଥ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଶାନ୍ତ ମାଝୀ, ଗୌରୀଦାସ ପଣ୍ଡା, ବଳରାମ ହୋତା, ଆୟୁଷ ପାଢ଼ୀ, ସୁବ୍ରତ ବେହେରା ଏବଂ ରଞ୍ଜିତା ରଥ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଡାକ୍ତର ବିନୋଦ ନାଏକ ଭାରତ ବିକାଶ ପରିଷଦ ପଶ୍ଚିମ ପ୍ରାନ୍ତର ସଭାପତି

ସମ୍ବଲପୁର : ଡାକ୍ତର ବିନୋଦ ବିହାରୀ ନାଏକ ଭାରତ ବିକାଶ ପରିଷଦ ପଶ୍ଚିମ ପ୍ରାନ୍ତର ସଭାପତି ଭାବେ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଛନ୍ତି । ସେହିପରି ଶ୍ୟାମ ସୁନ୍ଦର ଶର୍ମା ମହାସଚିବ ଓ ଅବନିକୁମାର ପାଣିଗ୍ରାହୀ ବିତ୍ତ ସଚିବ ରୂପେ ନିର୍ବାଚିତ ହୋଇଛନ୍ତି । ପୂର୍ବତନ ପ୍ରାନ୍ତ ସଭାପତି ଶୁଭାଶିଷ କର ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇ ନିର୍ବାଚନ ଦାୟିତ୍ୱ ତୁଲାଇ ଥିଲେ । ଏହି ନିର୍ବାଚନରେ ଓଡିଶା ପ୍ରାନ୍ତର ଟିଟିଲାଗଡ, -ବରଗଡ, ସମ୍ବଲପୁର, ବୁର୍ଲା, ହୀରାକୁଦ, ଝାରସୁଗୁଡା ଶାଖା ଗୁଡିକର ସଭାପତି, ସଚିବ ଓ ବିତ୍ତ ସଚିବ ମାନେ ଅଂଶଗ୍ରହଣ କରିଥିଲେ । ପଶ୍ଚିମ ପ୍ରାନ୍ତ ସଙ୍ଗଠନ ସଚିବ ବିନୋଦ କୁମାର ଅଗ୍ରୱାଲ ନିର୍ବାଚନ ପରିଚାଳନାରେ ସହାୟତା କରିଥିଲେ ।

# ଭାଗବତ

## ସୁଦାମା ଚରିତ

ଯୁଧିଷ୍ଠିରଙ୍କୁ ସମସ୍ତେ ଅନୁମୋଦନ କଲେ । ମାତ୍ର ଚେଦି ରାଜ ଦମଘୋଷପୁତ୍ର ଶିଶୁପାଳଙ୍କୁ ଏହା ଖରାପ ଲାଗିଲା । ଏକଦା ଶୃଗାଳ ଶିଶୁପାଳ ମୁହଁରୁ ପୁରୁଷସିଂହ କୃଷ୍ଣଚନ୍ଦ୍ର ରୁକ୍ମିଣୀଙ୍କୁ ଛଡ଼ାଇ ଆଣିଥିଲେ । କୃଷ୍ଣଙ୍କ ପ୍ରତି ଶିଶୁପାଳ ପ୍ରତିଶୋଧ ପରାୟଣ ହୋଇ ଉଠିଥିଲା । ଏବେ ଏପରି ମହାନ୍ ପ୍ରତିଷ୍ଠା ଦିଆଯିବାରୁ ଶିଶୁପାଳ କୃଷ୍ଣଙ୍କ ପ୍ରତି ଈର୍ଷାଳୁ ହୋଇ ଉଠିଲା । ସେ ଭଗବାନଙ୍କୁ ଅତ୍ୟନ୍ତ କଟୁ ବାକ୍ୟରେ ଉତ୍ସନା କଲା । ଭଗବାନ କିନ୍ତୁ କ୍ଷମାଶୀଳ । ଭଗବାନ ଜୀବର ପ୍ରତ୍ୟେକ ଅପରାଧକୁ କ୍ଷମା କରିଥାଆନ୍ତି । କିନ୍ତୁ ଜୀବ ଶହେଟି ଅପରାଧ କରିଦେବା ପରେ ଭଗବାନ ତାକୁ ଉଦ୍ଧାର କରିଦିଅନ୍ତି । ଭଗବାନ ଶିଶୁପାଳକୁ ଯଜ୍ଞ ସ୍ଥଳୀରେ ଉଦ୍ଧାର କରି ଦେଲେ ।

ଶିଶୁପାଳ ଅର୍ଥାତ୍ କ୍ରୋଧ । ଗୀତାରେ ଭଗବାନ୍ କହିଛନ୍ତି- କ୍ରୋଧାଦ୍ଭବତି ସହଃ ସମ୍ମୋହାତ୍ ସ୍ମୃ ତିବିଭ୍ରମଃ । ସ୍ମୃ ତିଭ୍ରଂଶାଦ୍ ବୁଦ୍ଧିନାଶୋ ବୁଦ୍ଧିନାଶାତ୍ ପ୍ରଣଶ୍ୟତି ।

କ୍ରୋଧ ମନୁଷ୍ୟର ବୁଦ୍ଧିକୁ ନାଶ କରିଦିଏ । ବଡ଼ ବଡ଼ ଜ୍ଞାନୀ ବି କ୍ରୋଧବଶବର୍ତ୍ତୀ ହୋଇ ହତବୁଦ୍ଧି ହୋଇ ଯାଆନ୍ତି । ସେମାନଙ୍କର ପତନ ହୁଏ । ବୁଦ୍ଧି ଥାଏ ମସ୍ତିଷ୍କରେ, ମୁଣ୍ଡରେ । ଭଗବାନ୍ ବୁଦ୍ଧିପ୍ରଧାନ ଜ୍ଞାନୀକୁ ସେତେ ଭଲ ପାଆନ୍ତି ନାହିଁ । ଭଗବାନ୍ ହୃଦୟପ୍ରଧାନ ଭକ୍ତଙ୍କୁ ଅଧିକ ଭଲ ପାଆନ୍ତି । ଭଗବାନ୍ ଜ୍ଞାନସ୍ୱରୂପ ସୁଦର୍ଶନ ଚକ୍ର ଦ୍ୱାରା କ୍ରୋଧୀ ଶିଶୁପାଳର ମୁଣ୍ଡକାଟ୍ କରିଦେଲେ । ଅର୍ଥାତ୍, ତାକୁ ଉଦ୍ଧାର କରିଦେଲେ । କ୍ରୋଧକୁ ନାଶ କରିବାର ଏକମାତ୍ର ଉପାୟ ହେଉଛି ଜ୍ଞାନ । କ୍ରୋଧୀ ପାଖରେ ଭକ୍ତିଗାଥା କଲେ ସେ ଭକ୍ତ ଓ ଭଗବାନ୍ ଉଭୟଙ୍କୁ ତାଚ୍ଛଲ୍ୟ କରେ । ଶିଶୁପାଳ ବଧ ହେଲା ।

ଅଭିମାନ ହେଉଛି ପାପର ପରମ ବନ୍ଧୁ । ଅଭିମାନକୁ ଈର୍ଷା ଦ୍ୱିଗୁଣିତ କରେ । ଶିଶୁପାଳର ପରମ ବନ୍ଧୁ ହେଉଛି ଦୁର୍ଯ୍ୟୋଧନ । ପାଣ୍ଡବ ଅର୍ଥାତ୍ ଧର୍ମ । ଧର୍ମର ଶତ୍ରୁ

ପାପ ଅର୍ଥାତ୍, ଦୁର୍ଯ୍ୟୋଧନ ଅର୍ଥାତ୍, କୌରବଗଣ । ଦୁର୍ଯ୍ୟୋଧନ ହେଉଛି ଦୁର୍ଜନ । ସଜ୍ଜନ ଅନ୍ୟର ଅଭ୍ୟୁଦୟରେ ପ୍ରସନ୍ନ ହୁଏ । ଦୁର୍ଜନ ଏପରି କ୍ଷେତ୍ରରେ ଈର୍ଷାନ୍ୱିତ ହୋଇଉଠେ, ଅନ୍ୟର କିପରି ପତନ ହେବ ଏହା ହିଁ ସବୁବେଳେ ଚିନ୍ତା କରେ । ଯୁଧିଷ୍ଠିରଙ୍କର ଉନ୍ନତି, ପ୍ରତିଷ୍ଠା ଓ ଅଭ୍ୟୁଦୟ ଦେଖି ଦୁର୍ଯ୍ୟୋଧନର ଏପରି ଈର୍ଷା ବଢ଼ିବାରେ ଲାଗିଲା ଯେ ତାର ପ୍ରତ୍ୟେକ ବାକ୍ୟରେ ଅଭିମାନର ଆସ୍ପର୍ଦ୍ଧା ପ୍ରକାଶ ପାଇବାରେ ଲାଗିଲା ।

ଈର୍ଷାଳୁ ଅଭିମାନୀ ନିର୍ବୋଧ ହୋଇଥାଏ । କ୍ରମେ ତାହାର ବିବେକ ଜ୍ଞାନ ମଧ ସଙ୍କୁଚିତ ହୋଇଯାଏ । ମୟଦାନବ ନିର୍ମିତ ଇନ୍ଦ୍ରପ୍ରସ୍ଥ ରାଜଭବନ ମଧରେ ଯାଉଥିବା ବେଳେ ଦୁର୍ଯ୍ୟୋଧନ ନିଜର ଅବିବେକୀ ପଣରେ ଘୋର ଅପମାନିତ ହେଲା । ସେ ହସ୍ତିନାପୁରକୁ ପ୍ରତ୍ୟାବର୍ତ୍ତନ ପରେ କେବଳ ପାଣ୍ଡବଙ୍କ ପତନ ନିମନ୍ତେ ଦିନରାତି ଚିନ୍ତା କରିବାରେ ଲାଗିଲା ।

ଏହାପରେ ଦୁର୍ଯ୍ୟୋଧନ କପଟ ଦ୍ୟୁତକ୍ରୀଡ଼ା ଭିଆଇ ଯୁଧିଷ୍ଠିରଙ୍କୁ ହରାଇଲା । ସେ ତାଙ୍କଠାରୁ ସର୍ବସ୍ୱ ଲୁଣ୍ଠନ କରି ଅଜ୍ଞାତ ବନବାସରେ ପଠାଇଲା ଏବଂ ହସ୍ତିନାପୁରର ଏକଛତ୍ର ଶାସକ ବୋଲାଇଲା । ପାଣ୍ଡବଙ୍କ ଅଜ୍ଞାତବାସ ପରେ ସେମାନେ ଅନ୍ଧରାଜା ଧୃତରାଷ୍ଟ୍ରଙ୍କୁ ରାଜ୍ୟ ମାଗିଲେ । ଶ୍ରୀକୃଷ୍ଣ ମିଛିମିଛିକା ମଧ୍ୟସ୍ଥତା କଲେ । ଭଗବାନ ତାଙ୍କ ଲୀଳା ସେ ନିଜେ କରନ୍ତି ଏବଂ ଏପରି କରନ୍ତି ଯେ ସାଧାରଣ ଜୀବ ତାହାର ଆଦିଅନ୍ତ ଟେର୍ ପାଇପାରେ ନାହିଁ । ଶ୍ରୀକୃଷ୍ଣ ମହାନ୍ ନାଟୁଆ । ତାଙ୍କର ଏକ ନାମ ନଟବର ।

ଶେଷରେ ମହାଭାରତ ଯୁଦ୍ଧର ସୂତ୍ରପାତ ହେଲା । ପାଣ୍ଡବ ଓ କୌରବ ଉଭୟ ପକ୍ଷ ଶ୍ରୀକୃଷ୍ଣଙ୍କ ସହାୟତା ଲୋଡ଼ିଲେ । ଶ୍ରୀକୃଷ୍ଣ ଭଗବାନ । ତେଣୁ ଧର୍ମ ପକ୍ଷରେ ସେ ରହିଲେ । ଉଭୟ ପକ୍ଷ ବଳରାମଙ୍କ ପ୍ରିୟ । ସେ ଧର୍ମସଙ୍କଟରେ ପଡ଼ିଗଲେ । ରାଜ୍ୟରେ ରହିଲେ କୌଣସି ନା କୌଣସି ପକ୍ଷ ଗ୍ରହଣ କରିବାକୁ କାଳେ ପଡ଼ିପାରେ, ଏପରି ଚିନ୍ତାକରି ବଳରାମ ତୀର୍ଥଯାତ୍ରାରେ ବାହାରିଗଲେ ।

ଘରେ ଯେବେ ବି କୌଣସି କାରଣରୁ ମତଭେଦ ହୁଏ, ମନଦୁଃଖ ହେବାର ପ୍ରସଙ୍ଗ ଆସେ, ତେବେ ତୀର୍ଥଯାତ୍ରା ନିମନ୍ତେ ପ୍ରସ୍ଥାନ କରିବା ଉଚିତ ।

ଭାଗବତ ଦଶମ ସ୍କନ୍ଧର ଅଶୀ ଅଧ୍ୟାୟରେ ସୁଦାମାଙ୍କ ପ୍ରସଙ୍ଗ ଆରମ୍ଭ ହୋଇଛି । ଶୁକଦେବ କହିଛନ୍ତି- ଶ୍ରୀକୃଷ୍ଣଙ୍କର ଜଣେ ପରମ ପ୍ରିୟ ବ୍ରାହ୍ମଣ ମିତ୍ର ଥିଲେ । ସେ ଥିଲେ ବଡ଼ ବ୍ରହ୍ମଜ୍ଞାନୀ, ବିଷୟ-ବିରକ୍ତ, ଶାନ୍ତଚିତ୍ତ ଓ ଜିତେନ୍ଦ୍ରିୟ । ସେ ଗୃହସ୍ଥ ଥିଲେ ସୁଦ୍ଧା କୌଣସି ବଧ ପ୍ରକାର ସଂଗ୍ରହ-ପରିଗ୍ରହ ନ ରଖିବା ପ୍ରାର ଅନୁସାରେ ଯାହା ପାଉଥିଲେ ସେଥିରେ ସନ୍ତୁଷ୍ଟ ଥିଲେ ।

ସୁଦାମା ଚରିତ୍ର ଭାଗବତର ଏକ ମହତ୍ତ୍ୱପୂର୍ଣ୍ଣ ଅଂଶ ଭାଗବତ କଥା ବର୍ଣ୍ଣନା କରୁଥିବା ବେଳେ ଅନେକ ସମୟରେ ପରମ ବିରକ୍ତ ଶୁକଦେବ ସମାଧି ହୋଇଯାଉଥିଲେ । ସେତେବେଳେ ଉପସ୍ଥିତ ମୁନିମାନେ କଲ୍ୟାଣ ପ୍ରଦାୟିନୀ ବେଦମନ୍ତ୍ର ଉଚ୍ଚାରଣ କରି ଶୁକଦେବଙ୍କୁ ସଚେତ କରାଉଥିଲେ । ଏହିପରି ପ୍ରସଙ୍ଗ ବର୍ଣ୍ଣନା କରୁଥିବା ବେଳେ ଶୁକଦେବ ଦୁଇଥର ନିଶ୍ଚିତ ସମାଧି ହୋଇପଡ଼ିଥିବା ସ୍ପଷ୍ଟ ଜଣାଯାଏ ।

ପ୍ରଥମଥର, ଯେତେବେଳେ ଶ୍ରୀକୃଷ୍ଣ ଗୋ-ଗୋପାଳ ଅସଂଖ୍ୟ ଶରୀର ଧାରଣ କରି ବ୍ରହ୍ମାଙ୍କର ମୋହ ଦୂର କରିଥିଲେ, ସେହି ପ୍ରସଙ୍ଗ ବର୍ଣ୍ଣନା ବେଳେ ଏବଂ ଦ୍ୱିତୀୟ ଥର ସୁଦାମା - ଚରିତ୍ର ବର୍ଣ୍ଣନା କରୁଥିବା ବେଳେ ।

ଶୁକଦେବଙ୍କ ଠାରୁ ସୁଦାମ ଚରିତ୍ର ଶୁଣିବାର ପ୍ରଥମାବସ୍ଥାରେ ମହାରାଜ ପରୀକ୍ଷିତ ତାଙ୍କୁ କହିଲେ, ''ଏହି



କୃଷ୍ଣକଥା ଶୁଣି ଶୁଣି ମନ କାହିଁ ତୃପ୍ତ ତ ହେଉନାହିଁ । ଯେତେ ଶୁଣୁଥିଲେ ବି ଆହୁରି ଆହୁରି ଅଧିକ ଶୁଣିବାକୁ ମନ ହେଉଛି ।''

ମହାରାଜ ପରୀକ୍ଷିତଙ୍କୁ ଜୀବନମୁକ୍ତି ଦେବାପାଇଁ ଶୁକଦେବ ବଦ୍ଧପରିକର । ଆଜିସୁଦ୍ଧା ଯେତେ ପ୍ରସଙ୍ଗ ଶୁକଦେବ ବର୍ଣ୍ଣନା କରିଛନ୍ତି, କୃଷ୍ଣ-କଥା ଯେତେ କହିଛନ୍ତି, ସେତିକିରେ ମହାରାଜ ପରୀକ୍ଷିତ ମୁକ୍ତି-ମାର୍ଗରେ କେତେ ଜେତେ ଅଗ୍ରସର ହେଲେଣି ତାହା ମଧ ସେ ମଝିରେ ମଝିରେ ପରୀକ୍ଷା କରୁଛନ୍ତି । ପରୀକ୍ଷିତ ଏବେ କୃଷ୍ଣ-କଥାରେ ତନ୍ମୟ ହୋଇ ଯାଇଛନ୍ତି, ସଂସାର ବିସ୍ମରଣ ହୋଇ ଆସିଲାଣି । ପରମାତ୍ମା ଭଗବାନଙ୍କର ଗୁଣାବଳୀ ଶ୍ରବଣ କରି କରି ମହାରାଜ ପରୀକ୍ଷିତ ବସ୍ତୁତଃ ଆତ୍ମହରା ହୋଇଯାଇ ଶୁକଦେବଙ୍କୁ କହିଲେ -

ଭଗବନ୍ ! ଭଗବାନଙ୍କ କଥା ଯେଉଁ ବାଣୀ କହୁଥାଏ ସେହି ବାଣୀ ହିଁ ପ୍ରକୃତ ବାଣୀ । ସେହି ହସ୍ତ ପ୍ରକୃତ ହସ୍ତ ହୋଇଥାଏ ଯାହା ଭଗବାନଙ୍କ ସେବାରେ ସଦା ଲାଗିଥାଏ । ସେହି ମନ ହେଉଛି ବାସ୍ତବ ମନ ଯିଏ ଚରାଚର ପ୍ରାଣୀଙ୍କଠାରେ ନିବାସ କରୁଥିବା ଭଗବାନଙ୍କୁ ସ୍ମରଣ କରୁଥାଏ । ଆଉ ସେହି ବର୍ଷ ବର୍ଷ ପଦବାଚ୍ୟ ହୋଇଥାଏ ଯାହା ସବୁବେଳେ ଭଗବାନଙ୍କର କଲ୍ୟାଣପ୍ରଦ କଥା ସଦା ଶ୍ରବଣ କରୁଥାଏ ।

ସେ ମୁଣ୍ଡ ପ୍ରକୃତ ମୁଣ୍ଡ ପଦବାଚ୍ୟ ହୋଇଥାଏ ଯାହା ଚରାଚର ଜଗତକୁ ଭଗବାନଙ୍କର ଚଳ ଅଚଳ ପ୍ରତିମା ବୋଲି ମନେକରି ନମସ୍କାର କରୁଥାଏ । ଆଉ ଯିଏ ସର୍ବତ୍ର ଭଗବଦ୍ ବିଗ୍ରହକୁ ଦର୍ଶନ କରୁଥାଏ ସେହି ନେତ୍ର ବାସ୍ତବରେ ନେତ୍ର ହିଁ ହୋଇଥାଏ । ଶରୀରର ଯେଉଁ ଅଙ୍ଗ ଭଗବାନ୍ ଓ ତାଙ୍କ ଭକ୍ତଙ୍କ ଚରଣୋଦକ ସେବନ କରେ ସେହି ଅଙ୍ଗକୁ ବାସ୍ତବିକ୍ ଅଙ୍ଗ କୁହାଯାଇ ପାରେ । ସତ କହିଲେ ତାଙ୍କର ହୋଇପାରିବା ହେଉଛି ଏକମାତ୍ର ସଫଳତା ।

ରାଜା ପରୀକ୍ଷିତ ଏହିପରି କହୁଥିବା ଶୁଣି ଭଗବାନ୍ ଶୁକଦେବଙ୍କ ହୃଦୟ ଭଗବାନ ଶ୍ରୀକୃଷ୍ଣଙ୍କଠାରେ ତଲ୍ଲୀନ ହୋଇ ଯାଇଥିଲା ।

ଶୁକଦେବ କହିଲେ- ପୋରବନ୍ଦରବାସୀ ମହାଜ୍ଞାନୀ, ଜିତେନ୍ଦ୍ରିୟ, ଅକିଞ୍ଚନ ଓ ପବିତ୍ର ବ୍ରାହ୍ମଣ ସୁଦାମା ଶ୍ରୀକୃଷ୍ଣଙ୍କର ପରମ ମିତ୍ର ଥିଲେ । ସେ ଦିନସାରା ପ୍ରଭୁ ସେବା କରୁଥିଲେ ଓ ଅଯାଚକ ବ୍ରତ ପାଳନ କରୁଥିଲେ ।

ଜ୍ଞାନର ଫଳ ଧନ ବା ପ୍ରତିଷ୍ଠା ନୁହେଁ, ପରମାତ୍ମାଙ୍କ ସହିତ ମିଳନ ହେବା । ବିଦ୍ୟାର ଉପଯୋଗ କେବଳ ଅର୍ଥ ଉପାର୍ଜନରେ ଲଗାଇବା ଠିକ୍ ନୁହେଁ । ସୁଦାମା ତାଙ୍କର ବିଦ୍ୟା ଓ ଜ୍ଞାନର ଉପଯୋଗ ଭୋଗ ନିମନ୍ତେ ନୁହେଁ, ଭଗବାନଙ୍କ ପାଇଁ କରୁଥିଲେ । ସୁଦାମାଙ୍କ ଘରେ ଦରିଦ୍ରତା ବିରାଜମାନ କରୁଥିଲା । ତାଙ୍କ ପତ୍ନୀଙ୍କ ନାମ ଥିଲା ସୁଶୀଳା

ଆଜିକାଲି ନାମର ବିପରୀତ ଗୁଣ ଦେଖାଯାଏ । ଯାହାର ନାମ ଶାନ୍ତି ସେ କର୍କଶା ହୋଇଥାଏ । ଭଉଣୀର ନାମ ଗଙ୍ଗା, ହେଲେ ସେ ପିଇବା ପାଇଁ ପାଣି ମୁନ୍ଦିଏ ବି ଦିଏନାହିଁ ।

ଧର୍ମସମ୍ପର୍କଯୁକ୍ତ ପତିକୁ ପ୍ରେମ କରୁଥିବା ପତ୍ନୀର କଥା କହିବା ଦରକାର ନାହିଁ ପିନ୍ଧିବାକୁ ବସ୍ତ୍ର ନଥିବ, ଖାଇବାକୁ ଅନ୍ନ ନଥିବ-ତେବେ ବି ପତିଙ୍କୁ ପ୍ରେମ କରୁଥିବ, ସେହି ପତ୍ନୀଙ୍କୁ ପ୍ରକୃତ ପତିବ୍ରତା କୁହାଯାଏ ।

ସୁଶୀଳାଙ୍କୁ ଦିନ ଦିନ ଧରି, କେତେ ଦିନ ଧରି ନିରାହାର ରହିବାକୁ ପଡୁଥିଲା । 'ବିଦ୍ୱାନ୍ ହୋଇ ସୁଦ୍ଧା ତୁମେ ରୋଜଗାର କାହିଁକି କରୁନାହଁ' - ଏପରି କଥା ସେ ତାଙ୍କ ସ୍ୱାମୀଙ୍କୁ କେବେ ବି କହି ନଥିଲେ । ଯଦି କେହି ସାଧାରଣ ସ୍ତ୍ରୀ ହୋଇଥାନ୍ତେ ତେବେ ସୁଦାମାଙ୍କୁ କହିଥାନ୍ତେ- କାମଧନ୍ଦା କରିବାକୁ ନଥିଲା ଯଦି ମୋତେ କାହିଁକି ବିଭା ହେଉଥିଲ ? ମୋ ଜୀବନ କାହିଁକି ନଷ୍ଟ କରୁଥିଲ ?

ପତି ଯଦି ଧନ-ସମ୍ପତ୍ତି, ସୁଖ ସୁବିଧା ଦେଉଥିବ ଆଉ ପତ୍ନୀ ଏପରି ପତିକୁ ଭଲ ପାଉଥିବ ତେବେ ଏଥିରେ କିଛି ଆଶ୍ଚର୍ଯ୍ୟ ହେବାର ନାହିଁ । ସେହି ପତ୍ନୀକୁ ଧନ୍ୟ କୁହାଯାଏ ।

ଯାହାର ପତି ଦରିଦ୍ର ହୋଇଥାଏ ଓ ତେବେ ବି ପତ୍ନୀ ପତିସେବା ପରାୟଣା ହୋଇଥାଏ । ପତି-ପତ୍ନୀ ଯଦି ଏକାସଙ୍ଗରେ ରହି ଶ୍ରୀକୃଷ୍ଣ-କୀର୍ତ୍ତନ, ପ୍ରଭୁସେବା କରୁଥାନ୍ତି ତେବେ ସେପରି ଗୃହସ୍ଥାଶ୍ରମ ସନ୍ୟାସାଶ୍ରମ ଠାରୁ ହେଲେ ଶ୍ରେଷ୍ଠ ହୋଇଥାଏ ।

ସୁଶୀଳା ସବୁ ସମୟରେ ସୁଦାମାଙ୍କ ଠାରୁ ପ୍ରଭୁକଥା ଶ୍ରବଣ କରୁଥିଲେ । ଏମିତି ବି କେତେଥର ହୋଇଛି ତାଙ୍କ ପିଲାମାନଙ୍କୁ ବି ଅନାହାର ରହିବାକୁ ପଡ଼ିଛି । ସୁଶୀଳା ନିଜେ ଅନାହାରରେ ଭୋକିଲା ରହୁଥିଲେ । ତାହା ସେ ସହିଯାଇ ଥିଲେ ମାତ୍ର ପିଲାମାନଙ୍କ ଭୋକିଲା ରହିବା ତାଙ୍କୁ ଅସହ୍ୟ ଜଣାପଡୁଥିଲା । ସେ ବ୍ୟାକୁଳ ହୋଇଯାଉଥିଲେ । ଦିନେ ଏପରି ବ୍ୟାକୁଳାବସ୍ଥାରେ ସେ ସୁଦାମାଙ୍କୁ କହିଲେ- ''ଗୋଟିଏ ବିନତି କରିବି ହେ ନାଥ ! କହ୍ନେଇ ତାଙ୍କର ମିତ୍ର ସାଙ୍ଗମାନଙ୍କୁ ଅତି ଭଲ ପାଉଥିବା କଥା ଆପଣଙ୍କ ମୁହଁରୁ ମୁଁ ଅନେକଥର ଶୁଣିଛି । କହ୍ନେଇ ତାଙ୍କ ମିତ୍ରଙ୍କ ପ୍ରସନ୍ନତା ନିମନ୍ତେ ଚୋରି ବି କରୁଥିଲେ ।''

ସୁଦାମା ତତ୍କାଳ କହିଲେ, ''ହଁ ହଁ । ସତ ତ । ଏପରିକି ସେ ମିତ୍ରମାନଙ୍କୁ ଖୋଇବା ପରେ ହିଁ ନିଜେ ଭୋଜନ କରୁଥିଲେ ।''

ସୁଶୀଳା କହିଲେ, ''ତେବେ ତାଙ୍କୁ ଥରେ ଦେଖା କରିବାକୁ ଯାଆନ୍ତୁ ନାହିଁ ? ହୁଏ ତ ଆମର ଦୁଃଖ ଦୂର ହୋଇଯାଆନ୍ତା ।''''

ସୁଦାମା କହିଲେ, ''ଆମେ ଦରିଦ୍ର । ଆମେ ସେଠାକୁ ଗଲେ ବ୍ରାହ୍ମଣ ଭିକ ମାଗିବାକୁ ଆସିଗଲା ବୋଲି ଲୋକମାନେ କହିବେ । ପରମାତ୍ମାଙ୍କୁ କିଛି ବୋଲି କିଛି ମାଗିବି ନାହିଁ, ଏହି ନିୟମ ମୁଁ କରିଛି ।''

ସୁଶୀଳା କହିଲେ, ''ନାଥ ! ତାଙ୍କୁ କିଛି ମାଗିବା ପାଇଁ ମୁଁ ତୁମକୁ କହୁ ନାହିଁ । ତାଙ୍କର ସହସ୍ର ଚକ୍ଷୁରେ ସେ ଜଗତକୁ ଦେଖୁଛନ୍ତି । ସେ ସବୁ ଜାଣି ପାରନ୍ତି । ତାଙ୍କୁ ଥରେ ଦର୍ଶନ କରି ଆସିବାକୁ କହୁଛି ।'' ସୁଦାମା କହିଲେ, ' 'ନାଇଁ ନାଇଁ । ମୁଁ ଯିବି ନାହିଁ । ତାଙ୍କୁ ଦର୍ଶନ କରିବା ପାଇଁ ଯିବାକୁ ମୋର ସମୟ ନାହିଁ ।'' ସୁଦାମାଙ୍କର ସବୁ ସମୟ ଜପ ପାଇଁ ନିଅଣ୍ଟ ହେଉଥିଲା । ସୁଶୀଳା କହିଲେ, ''ଥରେ ଯାଇ ଦର୍ଶନ କରି ଆସନ୍ତୁ । ସମୟ ନାହିଁ ବୋଲି କୁହନ୍ତୁ ନାହିଁ ।'' ସୁଦାମା କହିଲେ, ''ମୁଁ ତାଙ୍କୁ ଏହିଠାରେ ବସି ମନେ ମନେ ସବୁବେଳେ ଦର୍ଶନ ତ କରୁଛି । ଶାରୀରିକ ମିଳନ ଅପେକ୍ଷା ମାନସିକ ମିଳନ ଅତି ସୁଖଦାୟୀ ।

ସୁଶୀଳା କହିଲେ, ମଝିରେ ମଝିରେ ପ୍ରତ୍ୟକ୍ଷ ଦର୍ଶନ କରିବାର ମଧ ଆବଶ୍ୟକତା ଅଛି । ତୁମେ କୌଣସି ଜୀବର ଦ୍ୱାରକୁ ଯିବନାହିଁ, ଏପରି ପ୍ରତିଜ୍ଞା କରିଛ । ଶ୍ରୀକୃଷ୍ଣ ତ ପରମାତ୍ମା । ତାଙ୍କ ଦ୍ୱାର ତ ସମସ୍ତଙ୍କ ପାଇଁ ଉନ୍ମୁକ୍ତ । ମନ୍ଦିରକୁ ଯାଇ ଭଗବାନଙ୍କୁ ଦର୍ଶନ କଲେ କେହି କ'ଣ କିଛି କୁହନ୍ତି । ସେଠାକୁ ଯିବାପାଇଁ ସଙ୍କୋଚର କିଛି କାରଣ ନଥାଏ । ପୁରାତନ ମିତ୍ରଙ୍କୁ ଦେଖି ଆସିବା ଭଲ ।'' ସୁଦାମା ଥିଲେ ଜ୍ଞାନୀ ଓ ତପସ୍ୱୀ । ସେ ଘରେ ବସି ଭଗବାନଙ୍କୁ ଦର୍ଶନ କରୁଥିଲେ । ଏବେ ପତ୍ନୀଙ୍କର ଅତ୍ୟାଗ୍ରହ ଦେଖି ଦ୍ୱାରିକା ଯିବାକୁ ମନ ସ୍ଥିର କଲେ । ସେ ମନେ ମନେ ଭାବିଲେ - ଧନ ସମ୍ପତ୍ତି କଥା ଥାଉ । ଭଗବାନ ଶ୍ରୀକୃଷ୍ଣଙ୍କର ତ ଦର୍ଶନ ହୋଇଯିବ । ସ୍ତ୍ରୀ ଠାରୁ ଆଉ ବଡ଼ କଥା କ'ଣ ହୋଇପାରେ । ସେ ପୁଣି ମନେ ମନେ ଭାବିଲେ, ''ପତ୍ନୀ ମୋର ସବୁ କଥା ଶୁଣୁଛି, ମାନୁଛି । ଏତେ ଦିନରେ ମୋତେ ଗୋଟିଏ ଅନୁରୋଧ କରିଛି । ତା କଥା ଥରେ ମାନିନେବା ଭଲ ।

# 'ଫେକ ନିଉସ' ଆଇନ

**ଡକ୍ଟର ପ୍ରଦୀପ ମହାପାତ୍ର**

ପ୍ରାକ୍ତନ ବିଭାଗୀୟ ମୁଖ୍ୟ, ସାମ୍ବାଦିକତା ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ଅନ-ଲାଇନ ଅସତ୍ୟ ସମ୍ବାଦ 'ଫେକ ନିଉସ' ନାମିତ । ଅସତ୍ୟ, ଅତିରଞ୍ଜିତ, ଗୁଜବ, ଉଦ୍ଦେଶ୍ୟ ପ୍ରଣୋଦିତ ଓ ଅଭିସନ୍ଧିମୂଳକ ସମ୍ବାଦ ଅନଲାଇନରେ ପ୍ରସାରଣ 'ଫେକ ନିଉସ' ପର୍ଯ୍ୟାୟଭୁକ୍ତ । ବ୍ୟକ୍ତିଗତସ୍ତରରେ ମାନହାନୀଠାରୁ ଆରମ୍ଭ କରି ରାଷ୍ଟ୍ରଦ୍ରୋହ ଯାଏଁ 'ଫେକ ନିଉଜ'ର ପ୍ରାଦୁର୍ଭାବ ପରିବ୍ୟାପ୍ତ । ବିଭ୍ରାନ୍ତିମୂଳକ ସମ୍ବାଦ ପ୍ରସାରଣରେ ଜନମତକୁ ପ୍ରଭାବିତ କରିବା ଉଦ୍ଦେଶ୍ୟରେ 'ଫେକ ନିଉସ'ର ବ୍ୟବହାର ଏକବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକ ସାରା ଜାରି ରହିବା ପରେ ମହାମାରୀର ଠିକ ପୂର୍ବରୁ, ମହାମାରୀ କାଳରେ ଏବଂ ମହାମାରୀ-ପର ଅବସ୍ଥାରେ 'ଫେକ ନିଉସ' ନିୟନ୍ତ୍ରଣ କରିବା ନିମନ୍ତେ ୨୦୨୨ ମାର୍ଚ୍ଚ ମାସ ସୁଦ୍ଧା ବିଶ୍ୱର ଦୁଇ ଡ଼ଜନରୁ ଉର୍ଦ୍ଧ୍ୱ ରାଷ୍ଟ୍ରରେ ଆଇନ ପ୍ରଣୟନ ହୋଇଥିବା ଜଣାଯାଏ ।

ମହାମାରୀ ପୂର୍ବରୁ ସିଙ୍ଗାପୁର, କାମ୍ବୋଡ଼ିଆ, ଆଇଲ୍ୟାଣ୍ଡ, ବାଂଲାଦେଶ ଓ ଶ୍ରୀଲଙ୍କାରେ 'ଫେକ ନିଉସ' ବିରୋଧୀ ଆଇନଗତ ପଦକ୍ଷେପମାନ ଗ୍ରହଣ କରାଯାଇଥିଲା । ମହାମାରୀ କାଳରେ ଋଷ, ଆଜେରବାଇଜାନ, ତାଜିକିସ୍ଥାନ, ଉଜବେକିସ୍ଥାନ, ରୋମାନିଆ, ହଙ୍ଗେରି, ବୋସାନିଆ, ମାଲେସିଆ, ଫିଲିପାଇନ୍ସ, ଭିଏତନାମ, ଆଲଜେରିଆ, ବ୍ରାଜିଲ, ବୋଲେଭିଆ, ପ୍ୟୁର୍ଟୋରିକୋ, ଜୋର୍ଡନ ଓ ୟୁନାଇଟେଡ଼ ଆରବ ଏମିରେଟସ ଭଳି ରାଷ୍ଟ୍ରରେ 'ଫେକ ନିଉସ' ପ୍ରସାରଣକୁ ଦଣ୍ଡନୀୟ ଅପରାଧ ପର୍ଯ୍ୟାୟଭୁକ୍ତ କରିବା ନିମନ୍ତେ ସ୍ଥାନୀୟ ସରକାର ଆଇନଗତ ବ୍ୟବସ୍ଥା କରିଥିବା 'ଇଣ୍ଟରନ୍ୟାସନାଲ ପ୍ରେସ ଇନଷ୍ଟିଚିଉଟ'ର ବିବରଣୀରୁ ଜଣାଯାଏ ।

ଅନୁଷ୍ଠାନ ପକ୍ଷରୁ ଉଲ୍ଲେଖ କରାଯାଇଛି ଯେ 'ଫେକ ନିଉସ'ର ସଂଜ୍ଞା ନିର୍ଦ୍ଧାରିତ ନ ହୋଇ ପାରୁଥିବା ହେତୁ ଏହାକୁ ନେଇ ଆଇନାବଳୀ ଉପଯୋଗରେ ବିପଦ ଭରି ରହିଥାଏ । ଅନଲାଇନ ସୋସିଆଲ ମିଡ଼ିଆ ବହୁ ସଂଖ୍ୟକ ସାଧାରଣ ନାଗରିକ ବ୍ୟବହାର କରିଥାନ୍ତି । ଏହି ମଞ୍ଚଗୁଡ଼ିକରେ ସମ୍ବାଦ ଆହରଣ ସାଙ୍ଗକୁ ପ୍ରସାରଣର ମଧ ସୁବିଧା ଉପଲବ୍ଧ । ଜଣେ ଉପଭୋକ୍ତା ନିଜ ବନ୍ଧୁ ମହଲରେ ପ୍ରସାରଣ ନିମନ୍ତେ ବାର୍ତ୍ତାଟିଏ ପୋଷ୍ଟ କରୁଥିବା ବେଳେ ବନ୍ଧୁ ବର୍ଗ ଯଦି ତାହା ସେୟାର କରନ୍ତି ଏବଂ ଏହି ପ୍ରକ୍ରିୟା ଲାଗି ରହି ବାର୍ତ୍ତାଟି ବହୁଳ ପ୍ରସାରିତ ବା 'ଭାଇରାଲ' ହୋଇଯାଏ ତେବେ ଭୌଗଳିକ ସୀମାପାର ଅଗଣିତ ଜନସମୁଦାୟ ହାତ ପାଆନ୍ତାରେ ପହଞ୍ଚିବା ସମ୍ଭବ ।

ଏହି ପରିପ୍ରେକ୍ଷୀରେ ବାର୍ତ୍ତା ପ୍ରସାରଣ ନିମନ୍ତେ ମୂଳସୂତ୍ର ଏବଂ ପ୍ରସାରରେ ଅଂଶ ଗ୍ରହଣ କରିଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଦାୟୀ କରାଯାଇ ପାରେ । ଏକପକ୍ଷରେ କୌଣସି ବିଭ୍ରାନ୍ତିମୂଳକ ସମ୍ବାଦ ପ୍ରସାରଣ ବହୁ ସଂଖ୍ୟକଙ୍କୁ ପ୍ରଭାବିତ କରିବା ଭୟ ଥିବା ସ୍ଥଳେ ଅପରପକ୍ଷରେ ଆଇନଗତ ପଦକ୍ଷେପ ଗ୍ରହଣ ବେଳେ ବହୁ ସଂଖ୍ୟକଙ୍କୁ ଦଣ୍ଡବିଧାନର ଆଶଙ୍କାକୁ ମଧ ଟାଳି ହୁଏ ନାହିଁ । ଏହି କାରଣରୁ 'ଫେକ ନିଉସ' ସଂପର୍କୀତ ଆଇନାବଳୀରେ ଅସତ୍ୟ ସମ୍ବାଦର ସଂଜ୍ଞା, ପ୍ରକାରଭେଦ, ପ୍ରେରକ ଓ ଗ୍ରହୀତାଙ୍କ ଆଦର୍ଶ ଆଚରଣ, ଅପରାଧ ନିର୍ଦ୍ଧାରଣ ଓ ଦଣ୍ଡବିଧାନ ପ୍ରତ୍ୟେକ କ୍ଷେତ୍ରରେ ସ୍ୱଚ୍ଛତା ପ୍ରତି ସତର୍କତା ଅବଲମ୍ବନ ଆବଶ୍ୟକ ।

'ଫେକ ନିଉସ' ଆଇନାବଳୀର ଦୁରୁପଯୋଗ ଉଦାହରଣର ଅଭାବ ନଥାଏ । ବିଭିନ୍ନ ରାଷ୍ଟ୍ରରେ ସରକାରୀ କଳ ନିଜ ସ୍ୱାର୍ଥ ସିଦ୍ଧି ନିମନ୍ତେ ଅସତ୍ୟ ସମ୍ବାଦର କଦର୍ଥ କରି ଆଇନ ସହାୟତାରେ ଦମନମୂଳକ ପଦକ୍ଷେପ ଗ୍ରହଣ କରିଥାନ୍ତି । ଆରକ୍ଷୀ, ପ୍ରଶାସନ ଓ ସେନାବଳ ନିଜ ଉଦ୍ଦେଶ୍ୟକୁ ସୁହାଇଲାଭଳି ଅସତ୍ୟ ସମ୍ବାଦର ସଂଜ୍ଞା ନିରୂପଣ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା ହେତୁ ମୁଖ୍ୟତଃ ସାମ୍ବାଦିକମାନେ ପ୍ରଭାବିତ ହୋଇଥାନ୍ତି । ସତ୍ୟ-ଅସତ୍ୟର ଯାଞ୍ଚ ସ୍ଥଳବିଶେଷରେ ପରବର୍ତ୍ତୀ ପର୍ଯ୍ୟାୟରେ ସମାହିତ ହେଲେ ହେଁ, ତତକ୍ଷଣାତ ସମ୍ବାଦ ପ୍ରସାରଣ ବ୍ୟାହତ ହେବା ସଙ୍ଗେ ସାମ୍ବାଦିକ ଆକ୍ରୋଶର ସମ୍ମୁଖୀନ ହେବା ବିପଦ ରହିଥାଏ ।

ପାରମ୍ପରିକଭାବେ ସମ୍ବାଦ ପ୍ରସାରଣ କ୍ଷମତା ଗଣମାଧମ ମଞ୍ଚଗୁଡ଼ିକ ଅଧୀନରେ ସଂକୁଚିତ ହୋଇ ରହି ଆସିଥିବା ଏବଂ ଏକଚ୍ଛତ୍ରବାଦୀ ପ୍ରଶାସନ ଓ ରାଜନୀତିକ ଦଳଗୁଡ଼ିକ ପକ୍ଷରୁ ଗଣମାଧମକୁ ଆୟତ୍ତ କରିବା ନିମନ୍ତେ ବିଭିନ୍ନ ଉପାୟ ଅବଲମ୍ବନରେ ସମର୍ଥ ହୋଇପାରୁଥିବା ଅବସରରେ ସୋସିଆଲ ମିଡ଼ିଆରେ ବିପୁଳ ଜନସଂଖ୍ୟାର ଯୋଗଦାନ ସମ୍ବାଦ ପ୍ରସାରଣ ନିୟନ୍ତ୍ରଣ କ୍ଷମତାକୁ ଛଡ଼ାଇ ନେବାକୁ ଲାଗିଲା । କ୍ରମଶଃ ଅନଲାଇନ ପରିବେଶର ଗୁରୁତ୍ୱ ବୃଦ୍ଧି ପାଇବାପରେ ଏହି ନୂତନ ମାଧ୍ୟମ ନିୟନ୍ତ୍ରଣ କରିବା ନିମନ୍ତେ ଆଇନଗତ ପ୍ରାବଧାନମାନ ସୃଷ୍ଟି ଦିଗରେ ଉଦ୍ୟମ କରାଗଲା । ପ୍ରଚଳିତ ଆଇନବଳୀ ଉପଯୋଗ ଲାଗି ନିୟମାବଳୀ ପ୍ରଣୟନ ସାଙ୍ଗକୁ ନୂତନ ଆଇନ ପ୍ରଣୟନ ନିମନ୍ତେ ଉଦ୍ୟମ ବିଭିନ୍ନ ରାଷ୍ଟ୍ରରେ ଦେଖିବାକୁ ମିଳିଲା ।

ମହାମାରୀ ଆରମ୍ଭରେ ସ୍ୱାସ୍ଥ୍ୟରକ୍ଷା ସଂପର୍କରେ ଅନଲାଇନରେ ଅସତ୍ୟ ସମ୍ବାଦ ପ୍ରସାରଣ ସାମାଜିକ ଅସ୍ଥିରତା ସୃଷ୍ଟି କରିଥିଲା । କୋଭିଡ଼-୧୯ ଏକ ନୂତନ ସଂକ୍ରାମକ ରୋଗ ଏବଂ ପ୍ରାଥମିକ ଅବସ୍ଥାରେ ଏହାର ନିଦାନ, ଚିକିତ୍ସା କିମ୍ବା ପ୍ରତିଷେଧକ ସଂପର୍କରେ ସବିଶେଷ ତଥ୍ୟ ଅଭାବରୁ ବିଭିନ୍ନସ୍ତରରେ ଅସତ୍ୟ, କଳ୍ପନା ଓ ବିଶ୍ୱାସଭିତ୍ତିକ ସମ୍ବାଦ ପ୍ରସାରଣରେ ଜନସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇଥିଲା । ମହାମାରୀ-ପୂର୍ବ ଅବସ୍ଥାରେ ଅନଲାଇନ 'ଫେକ-ନିଉସ' ପ୍ରତିରୋଧ ନିମନ୍ତେ ଉଦ୍ୟମ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଅନୁକୂଳ ପରିବେଶକୁ ପ୍ରଶାସନିକସ୍ତରରେ ହାତଛଡ଼ା କରାଗଲା ନାହିଁ । ଫଳରେ ବିଶ୍ୱର ସର୍ବତ୍ର ଉଣାଅଧିକେ କ୍ରମବିକଶିତ ଅନଲାଇନ ସମ୍ବାଦ ପ୍ରସାରଣ ନିୟନ୍ତ୍ରଣ ନିମନ୍ତେ ଉଦାହରଣ ଦେଖିବାକୁ ମିଳିଥିଲା ।

ଋଷ-ୟୁକ୍ରେନ ବିବାଦ ଅବସରରେ ମାର୍ଚ୍ଚ ୨୦୨୨ ପ୍ରଥମ ସପ୍ତାହରେ 'ଫେକ ନିଉସ' ପ୍ରସାରଣ ବିରୋଧରେ ୧୫ ବର୍ଷ ଯାଏଁ ଜେଲଦଣ୍ଡର ବ୍ୟବସ୍ଥା ଆନ୍ତର୍ଜାତିକ ଗଣମାଧମ ପରିଧିରେ ଅନଲାଇନ ସମ୍ବାଦ ପ୍ରସାରଣର ସମ୍ଭାବ୍ୟ ଭବିଷ୍ୟତକୁ ନେଇ ପୁନର୍ବାର ଚର୍ଚ୍ଚିତ ହୋଇଥିଲା । ଏହି ଅବସରରେ ଚୀନ ସରକାରଙ୍କ ଗଣମାଧମ ପରାମର୍ଶଦାତା ତଥା ପେକିଂ ବିଶ୍ୱବିଦ୍ୟାଳୟର ଜଣେକ ପ୍ରାକ୍ତନ ଅଧ୍ୟାପକ 'ଫେକ ନିଉସ' ପ୍ରସାରଣ ରାଷ୍ଟ୍ରୀୟ ହିତରେ ପ୍ରତିବନ୍ଧକ ସାଜୁଥିବା ଅଭିଯୋଗ ବାଢ଼ିଥିଲେ । ଏତଦ୍‌ଦ୍ୱାରା ଜନସାଧାରଣରେ ବିଶୃଙ୍ଖଳା ଓ ବିଭେଦ ସାଙ୍ଗକୁ ଆନ୍ତର୍ଜାତିକ ସହାବସ୍ଥାନରେ ବିଘ୍ନ ସୃଷ୍ଟି ହେବା ପୂର୍ବାନୁମାନ କରିଥିଲେ ।

ବ୍ରିଟେନର 'ଦି ଗାର୍ଡ଼ିଆନ'ରେ ୮ ମାର୍ଚ୍ଚ ୨୦୨୨ରେ ପ୍ରକାଶିତ ଏକ ବିବରଣୀରେ ସଂପୃକ୍ତ ଚୀନ ଗଣମାଧମ ବିଶେଷଜ୍ଞଙ୍କ ଦୃଷ୍ଟିକୋଣ ଉଦ୍ଧାର କରି କୁହାଯାଇଛି ଯେ ବିଭିନ୍ନ କାରଣରୁ 'ଫେକ ନିଉସ' ପ୍ରସାରିତ ହୋଇଥାଏ । ପ୍ରଥମରେ କୌଣସି ବିଷୟରେ କେହି ଅସନ୍ତୁଷ୍ଟ ହୋଇ ଅନଲାଇନରେ ଅସତ୍ୟ ସମ୍ବାଦ ପ୍ରକାଶ କରିପାରେ । ଦ୍ୱିତୀୟରେ ବିଭିନ୍ନ ଅନଲାଇନ ମଞ୍ଚରେ ବାଇଟ ଯୋଗୁଁ ଦର୍ଶକ ସଂଖ୍ୟା ନିର୍ଦ୍ଧାରିତ ହେଉଥିବା ତଥା ତଦ୍‌ଅନୁଯାୟୀ ବିଜ୍ଞାପନ ପ୍ରଦର୍ଶନ ଏବଂ ଆୟ ବଢ଼ୁଥିବା ହେତୁ ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ ନିମନ୍ତେ ଅସତ୍ୟ ସମ୍ବାଦ ପ୍ରସାରଣରେ କେତେକ ସଂପୃକ୍ତ ହୋଇଥାନ୍ତି । ତୃତୀୟତଃ ବିଭିନ୍ନ କାରଣରୁ ପ୍ରତିଯୋଗିତାମୂଳକ ପରିବେଶର ମୁକାବିଲା କରିବା ନିମନ୍ତେ ମଧ 'ଫେକ ନିଉସ' ପ୍ରସାରଣର ସହାୟତା ଗ୍ରହଣ କରାଯାଇଥାଏ ।

ସେ ଆହୁରି ଦର୍ଶାଇଥିଲେ ଯେ ସାଧାରଣ ବ୍ୟକ୍ତିଟିଏ ଅନଲାଇନରେ ସତ୍ୟ ଓ ଅସତ୍ୟ ସମ୍ବାଦ ମଧରେ ଫରକ ଚିହ୍ନଟ କରିପାରୁନଥିବା ହେତୁ 'ଫେକ ନିଉଜ' ସାମାଜିକସ୍ତରରେ ଚରମ ମନୋଭାବ 'ଏକ୍ସଟ୍ରିମ ଭିଉସ' ଏବଂ ପକ୍ଷଭୁକ୍ତ 'ପୋଲାରାଇଜେସନ' ସୃଷ୍ଟି କରିଥାଏ । କେତେକ ନିଜ ସଂକୀର୍ଣ୍ଣ ଜାତୀୟତା ମନୋଭାବ 'ନେସନାଲିଜମ' ଚରିତାର୍ଥ କରିବା ନିମନ୍ତେ ମଧ 'ଫେକ ନିଉସ'ର ସହାୟତା ଗ୍ରହଣ କରିଥାନ୍ତି । କିନ୍ତୁ ସମାଲୋଚକମାନେ 'ଫେକ ନିଉସ' ଆଇନର ଉପଯୁକ୍ତ ଉପଯୋଗ ଅଭାବରେ ମୁକ୍ତ ସାମ୍ବାଦିକତା ବ୍ୟାହତ ହେବା ଅଭିଯୋଗ ବାଢ଼ିଥାନ୍ତି । 'ଫେକ ନିଉସ' ଆଇନ ପ୍ରଣୟନରେ ସ୍ୱାଧୀନ ସମ୍ବାଦମଞ୍ଚଗୁଡ଼ିକ ବାଧବାଧକତାରେ ପ୍ରକାଶନ ବନ୍ଦ ରଖୁଥିବା ହେତୁ ବହୁ ସାମ୍ବାଦିକ ନିଯୁକ୍ତି ହରାଉଥିବା ମଧ ଦେଖିବାକୁ ମିଳେ । ଉଦାହରଣ ସ୍ୱରୂପ ହଙ୍ଗକଙ୍ଗରେ ଅନଲାଇନ ସମ୍ବାଦ ମଞ୍ଚ ନିୟନ୍ତ୍ରଣ କଡ଼ାକଡ଼ି ହେବା ଫଳରେ ମହାମାରୀ-ପର ଅବସ୍ଥାରେ ବହୁ ସ୍ୱାଧୀନ ସମ୍ବାଦିକ ସାମ୍ବାଦିକତାରୁ ସନ୍ୟାସ ନେବାକୁ ବାଧ ହୋଇଥିବା ଜଣାଯାଏ । ଅତଏବ 'ଫେକ ନିଉସ'ର ସୁଦୂରପ୍ରସାରୀ ପ୍ରଭାବକୁ ଅଣଦେଖା କରାଯିବା ଅନୁଚିତ ।

## କୋଲେଷ୍ଟରଲ କମାଏ ଦହି



ଅଧିକାଂଶ ଲୋକ ନିଜ ଖାଦ୍ୟ ତାଲିକାରେ ଦହିକୁ ସାମିଲ କରିଥାନ୍ତି । ଦହିରେ ଅନେକ ପୋଷକ ତତ୍ତ୍ୱ ଭରି ରହିଛି । ଏଥିରେ ପ୍ରୋଟିନ୍, କ୍ୟାଲସିୟମ୍, ଭିଟାମିନ୍ ସି, ଭିଟାମିନ୍ ବି-୬ ଏବଂ ଭିଟାମିନ୍ ବି-୧୨ ଭଳି ପୋଷକ ତତ୍ତ୍ୱ ଭରପୂର ରହିଛି । ଦହି ଖାଇବା ଦ୍ୱାରା କୋଲେଷ୍ଟରଲ ପରିମାଣ କେତେକାଂଶରେ ସନ୍ତୁଳିତ ରହିଥାଏ । ତା' ସହ ଏହାକୁ ଖାଇବା ଦ୍ୱାରା ହଜମ ଶକ୍ତି ବଢ଼ିବା ସହିତ ପେଟଜନିତ ସମସ୍ୟା ଦେଖାଯାଏ ନାହିଁ । ଖାଦ୍ୟ ଖାଇବା ସମୟରେ ଦହି ଖାଇବା ଦ୍ୱାରା ଖାଦ୍ୟ ହଜମ ହୋଇଥାଏ । ରକ୍ତଚାପ, ଅସ୍ଥି ଓ କେଶ ପାଇଁ ଏହା ବହୁତ ଉପକାରୀ । ନିଦ୍ରାହୀନତା ଦୂର କରିବା ପାଇଁ ଦହି କେତେକାଂଶରେ ସାହାଯ୍ୟ କରେ ।

## ଆଜିର ଚିନ୍ତନ

ସକଳ ବିବୃତି ମଧରେ ବିପରୀତ ପରିସ୍ଥିତି ମଧରେ ସୁଦ୍ଧା ସଜ୍ଜନମାନେ ଅବିଚଳିତ । ଈଶ୍ୱର ସୃଷ୍ଟିରେ କେହି ସ୍ୱୟଂ ସମ୍ପୂର୍ଣ୍ଣ ନୁହଁନ୍ତି । କାହାକୁ ବିଧାତା କ'ଣ କରିଛନ୍ତି । ଏସବୁ ମଧରେ ସଜନମାନେ ପ୍ରକୃତି ସିଦ୍ଧ ସାଧୁ, ସୁଗୁଣ ସମ୍ପନ୍ନ । ଦେଖିବା ଜଳର ଭଣ୍ଡାର ସମୁଦ୍ର ଲୁଣିଆ, ଚନ୍ଦ୍ରଙ୍କ ଶରୀର କଳୁଷ ଯୁକ୍ତ, ଭୁବନ ଭାସ୍କର ସୂର୍ଯ୍ୟଦେବ ସର୍ବଦା ତାପଦ, ସୁବର୍ଣ୍ଣାଚଳ ବା ସ୍ୱପର୍ବତ ସଂଯୁକ୍ତ ମେଘଖଣ୍ଡ ଦ୍ୱାରା ଆବୃତ, ଅଦୃଶ୍ୟ ବିଦ୍ୟୁତ ମେଘର ଆଶ୍ରିତ । ଯେଉଁ ମେଘକୁ ସୂର୍ଯ୍ୟତାପ ଦଗ୍ଧ ହୋଇ କରନ୍ତି । ଏତେ ବଡ଼ ଆକାଶ ଶୂନ୍ୟ, ପୃଥିବୀ ଚିକିତ୍ସା ବା ଦୁଇ ଜିଭ୍ଭା ଯୁକ୍ତ ସର୍ପହାରା ଧୃତ, ସ୍ୱର୍ଗ ଧାମର ଧେନୁ କାମଧେନୁ ପଶୁ, କଳ୍ପତରୁ କାଷ୍ଠ, ପରଶମଣି ପଥର ଖଣ୍ଡେ । ତେଣୁ ଆକାର ପ୍ରକାର ଓ ଗୁଣର ସାମଞ୍ଜସ୍ୟ ନଥିବା ବିଧାତା ପୃଷ୍ଟ ଏସବୁ ବିଚିତ୍ର । "କ୍ଷାରୋ ବାରିନିଧି କଳଙ୍କ କଳୁଷ ଚନ୍ଦ୍ର ର ବି ସ୍ତା କଁନ୍ୟା ଚପଳା ଶ୍ରୟୋଦ୍ଧ ଭୂପଟଳା ଦୃଶ୍ୟ ସୁବର୍ଣ୍ଣା ଚତ୍ତୁଃ, ଶୂନ୍ୟ ବ୍ୟୋମରସା ଦ୍ୱିଜିହ୍ୱା ବିଧୃତା ସ୍ୱଧାମ ଧେନୁଃ ପଶୁ କାଷ୍ଠ କଳ୍ପତରୁ ଦୃଷ ସପୁରମଣି ସ୍ତର୍ଜୁନ ସାମ୍ୟ ସତାୟ ।" ସାଧୁମାନଙ୍କର ମନ ସର୍ବଦା ପରୋପକାର ପାଇଁ ବ୍ୟଗ୍ର । କେଉଁ କାରଣରୁ ଚନ୍ଦ୍ର ଅମୃତସ୍ରାବୀ କିରଣମାଳା ଦ୍ୱାରା ପୃଥିବୀକୁ ଅମୃତ ରସାକ୍ତ କରେ । କେଉଁ କାରଣରୁ ମେଘ ଜଳଧାରା ସୃଷ୍ଟି କରି ଏ ଧରଣୀକୁ ଆର୍ଦ୍ର କରେ । ସୂର୍ଯ୍ୟଦେବ କେଉଁ କାରଣରୁ ଅବିରତ ଭ୍ରମଣ କରି ତ୍ରିଲୋକକୁ କିରଣମାଳା ଦ୍ୱାରା ଆଲୋକିତ କରି ଆନନ୍ଦିତ କରିଥାନ୍ତି । ଏସବୁର କାରଣ ହେଉଛି, ସାଧୁମାନଙ୍କର ମନ ଯାହା ସବୁବେଳେ ପରୋପକାରରେ ନିହିତ ଥାଏ । ଏଥିପାଇଁ କାରଣ ଖୋଜିବା ଅନାବଶ୍ୟକ । ଯେଉଁମାନଙ୍କର ମନ ଅଦ୍ୱୈତ ଅର୍ଥାତ୍ ସୁଖ ଦୁଃଖରେ ସମ, ସେମାନେ ହିଁ ସାଧୁ । ସାଧୁମାନଙ୍କ ଲକ୍ଷଣ ହେଉଛି, ସେମାନେ କେବେ କୌଣସି ସ୍ଥିତିରେ ଗର୍ବ କରନ୍ତି ନାହିଁ । ପରାଜୟକୁ କେବେ ନିନ୍ଦା କରନ୍ତି ନାହିଁ, ନିଷ୍ଠୁର କଥା କହନ୍ତି ନାହିଁ, କେହି ନିଷ୍ଠୁର କଥା କହିଲେ ମଧ ପ୍ରତିକ୍ରିୟା ଶୀଳ ହୁଅନ୍ତି ନାହିଁ, ସବୁ ସହିଯାନ୍ତି, କ୍ରୋଧ କରନ୍ତି ନାହିଁ, ଅନ୍ୟକୃତ ଖରାପ କାର୍ଯ୍ୟ ଶୁଣି ମୂକ ପରି ରହନ୍ତି, ଅନ୍ୟର ଦୋଷକୁ ଘୋଡ଼ାଇ ନିଅନ୍ତି କିନ୍ତୁ ନିଜେ ଦୋଷ କରନ୍ତି ନାହିଁ, 'ଗର୍ବ ନୋଦ ବହତେ ନ ନିନ୍ଦତି ପରାମୋ ଭାଷତେ ନିଷ୍ଠୁର ପ୍ରୋକ୍ତ କଦାଚିଦ୍ ପ୍ରିୟଂ ଚ ସହିତ କ୍ରୋଧ' ନାଲୟତେ, ଶ୍ରୁତ୍ୱା କାବ୍ୟ ଲକ୍ଷଣ ପରକୃତ ସ ତିଷ୍ଠତେ ମୂକ ବିଦୋଷଚ୍ଛାଦୟତେ ସ୍ୱୟଂ ନ କୁରୁତେ ଜ୍ୟୋତମତା' ଲକ୍ଷଣମ୍ ।

# ଉତ୍ତମ ମନୁଷ୍ୟ ହେବା ଅଧ୍ୟାତ୍ମର ପ୍ରଥମ ସୋପାନ

ଲୋକେ ଅଧ୍ୟାତ୍ମ ନାଁରେ ପ୍ରାୟ ଧ୍ୟାନ, ସମାଧି, କୁଣ୍ଡଳିନୀ, ଆତ୍ମସାକ୍ଷାତ୍କାର, ଈଶ୍ୱରପ୍ରାପ୍ତି, ବ୍ରହ୍ମଜ୍ଞାନ ଆଦିର କଥା କହନ୍ତି ଏବଂ ସେପରି କରିବା କିଛି ଭୁଲ ବି ନୁହେଁ । ଏହା ଦ୍ୱାରା ନିଜର ଲକ୍ଷ୍ୟ ଓ ପଥର ସ୍ମରଣ ହୋଇଥାଏ ଏବଂ ପାଦକୁ ସଠିକ ଦିଶା ଓ ଗତି ମିଳିଥାଏ, କିନ୍ତୁ ଏହାର ଚର୍ଚ୍ଚା ଆବଶ୍ୟକତା ଠାରୁ ଅଧିକ ହେଲେ ଧୀରେ ଧୀରେ ଏହା ନିଜର ସାର୍ଥକତା ହରାଇ ବସେ ଓ ଅନୁଭୂତି ଶୂନ୍ୟ, ଖାଲି ବୌଦ୍ଧିକ ଜାଳ-ଜଞ୍ଜାଳ ଆମ ପାଖରେ ବାକି ରହେ ।

ଏମିତିରେ କେତେକ ଅଧ୍ୟାତ୍ମ ନାଁରେ ଭଜନାନନ୍ଦୀ ହୋଇଯାନ୍ତି ତ କେତେକ ଆଖି ବନ୍ଦ କରି ଧ୍ୟାନ ଓ ମନ୍ତ୍ର ରଟିବାକୁ ଅଧ୍ୟାତ୍ମ ମାନି ବସନ୍ତି । କେତେକ ମାୟାରେ ଲିପ୍ତ ହୋଇ, କିନ୍ତୁ ଜଗତ ମିଥ୍ୟା-ବ୍ରହ୍ମ ସତ୍ୟର ବ୍ରହ୍ମଜ୍ଞାନ ଚର୍ଚ୍ଚାରେ ଅଧ୍ୟାତ୍ମର ଇତିଶ୍ରୀ ମାନି ବସନ୍ତି ଏବଂ କେତେକ କୁଣ୍ଡଳିନୀ ଜାଗରଣରୁ ନେଇ ଚମତ୍କାର-ସିଦ୍ଧିଗୁଡ଼ିକର ଚର୍ଚ୍ଚାରେ ଅଧ୍ୟାତ୍ମର ମର୍ମ ରହିଛି ବୋଲି ବୁଝିଥାନ୍ତି ।

ଏଠାରେ ଭକ୍ତି, ଭଜନ, ଧ୍ୟାନ, ବ୍ରହ୍ମଚର୍ଯ୍ୟ, କୁଣ୍ଡଳିନୀ ଜାଗରଣ ଆଦିକୁ ଖରାପ କୁହାଯାଉ ନାହିଁ, କିନ୍ତୁ ଅଧ୍ୟାତ୍ମର ବ୍ୟାବହାରିକ ପକ୍ଷକୁ ନ ବୁଝି, ଏହାର ସାଧନା ପଥର ମର୍ମକୁ ନ ବୁଝି କେବଳ ବାକ୍‌ବିଳାସ, ବୌଦ୍ଧିକ ଡିଆଁକୁଦା ଓ କର୍ମକାଣ୍ଡ ରଟନକୁ ଅପୂର୍ଣ୍ଣ କୁହାଯାଉଛି । ଅଧ୍ୟାତ୍ମର ଶିଖର ଆରୋହଣ ପୂର୍ବରୁ ଆମକୁ ଏହାର ପ୍ରାଥମିକ ସୋପାନଗୁଡ଼ିକୁ ପାର କରିବାକୁ ହୋଇଥାଏ । ଏହି ସୋପାନ ହିଁ ଆଗକୁ ଯାତ୍ରା କରିବାର ଆଧାର ଭୂମି ପ୍ରସ୍ତୁତ କରିଥାଏ । ଏହା ଉପରେ ଅଧ୍ୟାତ୍ମର ପ୍ରାସାଦ ଠିଆ ହୋଇଥାଏ ।

ପ୍ରଥମ ଆଧ୍ୟାତ୍ମିକ ସୋପାନ ଧ୍ୟାନ-ସମାଧି ନୁହେଁ, ବରଂ ଯମ-ନିୟମ ଅଟେ । ନିଜର ତନୁ-ମନ ଓ ସ୍ୱଭାବର ମୌଳିକ ଦୁର୍ବଳତାଗୁଡ଼ିକୁ ପରିଷ୍କାର କରି ଜୀବନରେ ଶାନ୍ତି, ସ୍ଥିରତା ଓ ସନ୍ତୁଳନ ସାଧିବାକୁ ହେବ, ଯାହା ଆମକୁ ଅଧ୍ୟାତ୍ମର ଉଚ୍ଚତର ସୋପାନଗୁଡ଼ିକ ପାଇଁ ପ୍ରସ୍ତୁତ କରିପାରିବ । ଯଦି ଆମେ ଶରୀର ଦୃଷ୍ଟିରୁ ସୁସ୍ଥ ନୁହେଁ, ଶକ୍ତିହୀନ ଓ ଦୁର୍ବଳ ଏବଂ ତା ସହିତ ପୁଣି ଆଳସ୍ୟ ଥାଏ ତେବେ ଏପରି ଜୀବନ ଠାରୁ ଅଧିକ କିଛି ଆଶା କରାଯାଇ ନ ପାରେ । ଅଧ୍ୟାତ୍ମ ତ ଦୂର, ଭୌତିକ ଜଗତରେ ମଧ୍ୟ ତଦ୍ୱାରା କୌଣସି ବଡ଼ ପ୍ରୟୋଜନ ସିଦ୍ଧ ହୋଇ ନ ଥାଏ । ଭାରତୀୟ ମାନସର ନାଡ଼ୀକୁ ଚିପି କେବେ ସ୍ୱାମୀ ବିବେକାନନ୍ଦ କହିଥିଲେ ଯେ ଖାଲି ଗୀତାର ଜ୍ଞାନ ଅପେକ୍ଷା ପ୍ରଥମେ ଆମେ ନିଜେ ଶରୀର ଦୃଷ୍ଟିରୁ ମଜବୁତ ହେବା ଶ୍ରେୟସ୍କର । ଅଧିକ ପୁଷ୍ଟ ଶରୀର ଓ ମାଂସପେଶୀ ସହିତ ଆମେ ଗୀତାକୁ ଆହୁରି ଭଲ ଭାବରେ ବୁଝି ପାରିବା । ଏହି ସ୍ଥିତି ବୌଦ୍ଧିକ ପ୍ରମାଦ ଓ ଅଜ୍ଞାନତାରେ ଗ୍ରସ୍ତ ମନର ହୋଇଥାଏ । ସ୍ୱାଧ୍ୟାୟ ଓ ଚିନ୍ତନ-ମନନ ହୀନ ବ୍ୟକ୍ତି ମଧ୍ୟରେ ସେହି ବୌଦ୍ଧିକ ଜିଜ୍ଞାସା ଉତ୍ପନ୍ନ ହୋଇପାରେ ନାହିଁ, ଯଦ୍ୱାରା ସେ ଅଧ୍ୟାତ୍ମର ଗହନ କଥାଗୁଡ଼ିକୁ ବୁଝି ପାରିବ । ଏମିତିରେ ତା'ର ଶୁଆ ପରି ରଟିବା ଓ ଅନ୍ଧବିଶ୍ୱାସୀ ହେବାର ବିପଦ ଅଧିକ ରହିଥାଏ ଏବଂ ଯଦି କେଉଁଠି ହଠଧର୍ମିତ ବି ସାଙ୍ଗରେ ଯୋଡ଼ି ହୋଇଯାଏ ତ ଏଭଳି କଠୋରପନ୍ଥାରୁ କୌଣସି ସକାରାତ୍ମକ ପରିଣାମର ଆଶା କରାଯାଇ ନ ପାରେ ।

ଏହିପରି ଯଦି ଜୀବନ ଅସ୍ତବ୍ୟସ୍ତ, ବିଶୃଙ୍ଖଳିତ, ଦିଶାହୀନ ହୋଇଥାଏ ତ ଏମିତିରେ ଅଧ୍ୟାତ୍ମର ଚର୍ଚ୍ଚା ବେଇମାନି ହେବ । ଯଦି ଆମର ଦିନଚର୍ଯ୍ୟା ଅବ୍ୟବସ୍ଥିତ, ଜୀବନର ପ୍ରାଥମିକତା ସ୍ପଷ୍ଟ ନୁହେଁ, ନିଜର କର୍ତ୍ତବ୍ୟପାଳନ ପ୍ରତି ଆମେ ସଚ୍ଚୋଟ ନୋହୁଁ ତେବେ ଏଭଳି ସ୍ଥିତିରେ ସମୟର ଶ୍ରେଷ୍ଠ ଓ ସାର୍ଥକ ଉପଯୋଗର ଅଭାବରେ କାଳର ଅଧିପତି ମହାକାଳଙ୍କ ଆରାଧନା ମାତ୍ର କର୍ମକାଣ୍ଡରେ ହିଁ ସୀମିତ ରହିବ ।

ଅଧ୍ୟାତ୍ମର ଶୁଭାରମ୍ଭ ତ ଆତ୍ମ-ଅନୁଶାସିତ ଜୀବନଚର୍ଯ୍ୟା ଏବଂ ସ୍ୱ-ସ୍ଫୁର୍ତ୍ତ ନୈତିକତାରୁ ହୋଇଥାଏ । ସେବା ନାଁରେ ନିଜର ସଂକୀର୍ଣ୍ଣ ସ୍ୱାର୍ଥ ସାଧନର ଅଧ୍ୟାତ୍ମ ସହିତ ଅନେକ ଦୂର ପର୍ଯ୍ୟନ୍ତ କୌଣସି ସମ୍ବନ୍ଧ ନାହିଁ । ଯେଉଁ ବ୍ୟକ୍ତି ନିଜର ଦୁର୍ବଳତା, ନ୍ୟୁନତାଗୁଡ଼ିକୁ ବୁଝିବାର କ୍ଷମତା ହରାଇ ବସେ, ତା'ଠାରୁ ଅଧ୍ୟାତ୍ମ ତ ଦୂର; ସାଧାରଣ ଜୀବନରେ ସନ୍ତୁଳିତ ବ୍ୟବହାରର ଆଶା କରାଯାଇ ନ ପାରେ । ଏଭଳି ମାନସିକତାର ସହିତ ଅଧ୍ୟାତ୍ମ ନାଁରେ କରାଯାଉଥିବା ପ୍ରବଞ୍ଚନା ଦ୍ୱାରା ସାମୂହିକ ଜୀବନରେ କୌଣସି ସକାରାତ୍ମକ ପରିଣାମର ଆଶା କରାଯାଇ ନ ପାରେ, କାରଣ ଅଧ୍ୟାତ୍ମ ନାଁରେ ସ୍ୱାର୍ଥକେନ୍ଦ୍ରିତ କୃତ୍ୟଗୁଡ଼ିକର ସାମୂହିକ ଉତ୍କର୍ଷ ସହିତ କୌଣସି ସମ୍ପର୍କ ନ ଥାଏ ।

ସ୍ୱାର୍ଥୀ ଓ ଅହଂକାରୀ ଜୀବନକୁ ସମ୍ବେଦନାଶୂନ୍ୟ ଏବଂ ଘୋର ଭୌତିକବାଦୀ ଜୀବନ ହିଁ କୁହାଯିବ, ଯେଉଁଠି ବ୍ୟକ୍ତି ଆଧ୍ୟାତ୍ମକୁ କୌଣସି କ୍ଷୁଦ୍ର ସ୍ୱାର୍ଥ ଓ ମହତ୍ତ୍ୱାକାଂକ୍ଷା ପୂର୍ତ୍ତିର ସାଧନ ମାନି ବସିଥାଏ ଏଭଳି ଜୀବନ ଘୋର ତମସ୍ ଓ ଅଜ୍ଞାନତାର ପ୍ରତୀକ ଅଟେ । ଅଧ୍ୟାତ୍ମର ଏଭଳି ହଠଯୋଗ ସହିତ ବି ଅଧିକ ସମ୍ବନ୍ଧ ନାହିଁ, ଯେଉଁଥିରେ କର୍ମକାଣ୍ଡକୁ ହିଁ ଅଧିକ ଗୁରୁତ୍ୱ ଦିଆଯାଉଥିବ । ଆତ୍ମପରିଷ୍କାର ହୀନ ଏପରି କଠୋରତା, ଦୁର୍ବଳତାକୁ ହିଁ ଇଙ୍ଗିତ କରିଥାଏ, ଯେତେବେଳେ କି ଅଧ୍ୟାତ୍ମ ବ୍ୟାବହାରିକ ସ୍ତରରେ ପରିସ୍ଥିତିଗୁଡ଼ିକ ସହିତ ନିଜର ସମାୟୋଜନ ଏବଂ ତାଳମେଳର ନାମ ଅଟେ । ଏହିପରି ଅଧ୍ୟାତ୍ମ ପଥରେ ଚାଲିବାର ଅଭୀପ୍ସୁ ନିଜର ଆନ୍ତରିକ ଦୁର୍ବଳତାଗୁଡ଼ିକୁ ଚିହ୍ନଟ କରି ସେଗୁଡ଼ିକ ସହିତ ଲଢ଼ି ଗୋଟିଏ ପରେ ଗୋଟିଏ ଏଗୁଡ଼ିକୁ ପାର କରିଥାଏ ଏବଂ ଜୀବନକୁ ସମ୍ୟକ୍ ରୂପ ନିୟନ୍ତ୍ରିତ କରିବା ଓ ସାଧିବା ଚେଷ୍ଟା କରିଥାଏ । ଏହି ଆଧାରରେ ହିଁ ଜୀବନର ବିବିଧ ଆୟାମ ସବଳ ହୋଇଥାଏ ଓ ବ୍ୟକ୍ତିତ୍ୱର ସର୍ବାଙ୍ଗୀଣ ଉତ୍କର୍ଷର ମାର୍ଗ ପ୍ରଶସ୍ତ ହୋଇଥାଏ । ଏ ଦିଗରେ ଆମେ ଯେତିକି ଆଗକୁ ବଢ଼ିଥାଉ, ସେତିକି ମାତ୍ରାରେ ଜୀବନରେ ଶାନ୍ତି ଆସିଥାଏ, ସ୍ଥିରତା ଓ ସନ୍ତୁଳନ ସାଧ ହୋଇଥାଏ ଏବଂ ଆମର ଆଧ୍ୟାତ୍ମିକ ଯାତ୍ରା ପ୍ରଗତି ପଥରେ ଅଗ୍ରସର ହୋଇଥାଏ ।

ଆନ୍ତରିକ ପରିଷ୍କାର ପ୍ରତି ସମୁଚିତ ଧ୍ୟାନ ଦେବା ହିଁ ବୁଦ୍ଧିମତ୍ତା ଓ ଦୂରଦର୍ଶିତାର ପ୍ରଥମ ଚରଣ । ଅଧ୍ୟାତ୍ମର ପ୍ରଥମ ଶିକ୍ଷଣ ହେଉଛି ମନୁଷ୍ୟ ନିଜର ସ୍ୱରୂପକୁ ବୁଝୁ ଏବଂ ଚିନ୍ତା କରୁ ଯେ ମୁଁ କିଏ, ମୁଁ କ'ଣ ଓ କ'ଣ ହୋଇଛି ? ଏହି ଆତ୍ମଚିନ୍ତନକୁ ସାଧନାର ପ୍ରଥମ ସୋପାନ କୁହାଯାଏ । ଏହି ଚିନ୍ତନ ଈଶ୍ୱର-ଜୀବ - ପ୍ରକୃତିର ଉଚ୍ଚ ଭୂମିକାରୁ ଆରମ୍ଭ କରାଯାଇ ନ ପାରେ । ପଦକ୍ଷେପ କ୍ରମଶଃ ଉଠାଯାଏ । ତଳ ଶିଢ଼ିଗୁଡ଼ିକୁ ପାର କରି ହିଁ ଉପରକୁ ଚଢ଼ିହୁଏ ।

ସୋହମ୍, ଶିବୋହମ୍ ଧ୍ୱନି କରିବା ପୂର୍ବରୁ, ନିଜକୁ ସଚ୍ଚିଦାନନ୍ଦ ମାନିବା ପୂର୍ବରୁ ଆମେ ସାଧାରଣ ଜୀବନ ଉପରେ ବିଚାର କରିବା ଆବଶ୍ୟକ ଏବଂ ଦେଖିବା ଦରକାର ଯେ ଈଶ୍ୱରପୁତ୍ର ଜୀବ ଆଜି କେତେ ଦୋଷ-ଦୁର୍ଗୁଣରେ ଗ୍ରସ୍ତ ହୋଇ ପାମରତାର ଉଦ୍‌ବିଗ୍ନ ଜୀବନଯାପନ କରୁଛି । ମାୟାର ବନ୍ଧନ ତାକୁ କେତେ ଜୋର୍‌ରେ ବାନ୍ଧି ରଖିଛି ଏବଂ ଷଡ଼ରିପୁ ପଦେ ପଦେ ତାକୁ କିପରି କଷ୍ଟ ଦେଉଛି । ମାୟାର ଅର୍ଥ ସେହି ଅଜ୍ଞାନୀ, ଯେଉଁଥିରେ ଗ୍ରସ୍ତ ହୋଇ ମନୁଷ୍ୟ ନିଜକୁ ନିର୍ଦ୍ଦୋଷ ଓ ସମସ୍ତ ପରିସ୍ଥିତି ସକାଶେ ଅନ୍ୟମାନଙ୍କୁ ଉତ୍ତରଦାୟୀ ମାନିଥାଏ ଭବବନ୍ଧନରୁ ମୁକ୍ତ ହେବାର ଅର୍ଥ କୁବିଚାର, କୁସଂସ୍କାର ଓ କୁକର୍ମଗୁଡ଼ିକରୁ ମୁକ୍ତି ପାଇବା ନିଜର ଦୋଷଗୁଡ଼ିକ ପ୍ରତି ଅନଭିଜ୍ଞ ରହିବା ଠାରୁ ବଳି ପ୍ରମାଦି ଏ ସଂସାରରେ ଅନ୍ୟ କିଛି ନାହିଁ, ଯାହାର ମୂଲ୍ୟ ଜୀବନରେ ଅସଫଳତା ଓ ତାହାର ପଶ୍ଚାତ୍ତାପ କରି ଦେବାକୁ ପଡ଼ିଥାଏ ।

ଅଧ୍ୟାତ୍ମ ମାର୍ଗରେ ପ୍ରଥମ ପାଦ ବଢ଼ାଇ ସାଧକକୁ ସର୍ବ ପ୍ରଥମେ ଆତ୍ମଚିନ୍ତନ ସାଧନା କରିବାକୁ ପଡ଼ିଥାଏ ବ୍ରହ୍ମଚର୍ଯ୍ୟ, ତପ, ତ୍ୟାଗ, ସତ୍ୟ, ଅହିଂସା ଆଦି ଉଚ୍ଚତମ ଆଧ୍ୟାତ୍ମିକ ତତ୍ତ୍ୱଗୁଡ଼ିକୁ ଗ୍ରହଣ କରିବା ପୂର୍ବରୁ ତାକୁ ଛୋଟ ଛୋଟ ତ୍ରୁଟିଗୁଡ଼ିକୁ ସଜାଡ଼ିବାକୁ ପଡ଼ିଥାଏ । ପରୀକ୍ଷାର୍ଥୀ ପ୍ରଥମେ ସହଜ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅନ୍ତି ଏବଂ କଠିନ ପ୍ରଶ୍ନଗୁଡ଼ିକର ଉତ୍ତର ଶେଷରେ ଦିଅନ୍ତି । କନ୍ୟାମାନେ ଗୃହସ୍ଥର ଶିକ୍ଷା କଣ୍ଢେଇ ଖେଳରୁ ଆରମ୍ଭ କରନ୍ତି । ଯୁଦ୍ଧରେ ଶସ୍ତ୍ର ଚାଳନାର ନିପୁଣତା ପ୍ରଥମେ ସାଧାରଣ ଖେଳ ରୂପେ ତାହାର ଅଭ୍ୟାସ କରି ହିଁ ଅର୍ଜନ କରାଯାଏ । ଏମ୍.ଏ. ପରୀକ୍ଷା ଦେବା ପରିବର୍ତ୍ତେ ପ୍ରଥମେ ପ୍ରାଥମିକ ଶ୍ରେଣୀ, ପୁଣି ମିଡିଲ, ମାଟ୍ରିକ, ଇଣ୍ଟର, ବି.ଏ. ପାସ କରି ଏମ୍.ଏ.ର ପ୍ରମାଣପତ୍ର ପାଇବାର ଯୋଜନା କରାଯାଏ ।

ସୁଧାର ନିମନ୍ତେ ସର୍ବପ୍ରଥମେ ସତ୍ୟ, ବ୍ରହ୍ମଚର୍ଯ୍ୟ ବା ତ୍ୟାଗକୁ କାର୍ଯ୍ୟକାରୀ କରିବା ଆବଶ୍ୟକ ନୁହେଁ । ଆରମ୍ଭ ଛୋଟ ଛୋଟ ଦୋଷ-ଦୁର୍ଗୁଣ ଗୁଡ଼ିକର ସୁଧାରରୁ କରିବା ଉଚିତ । ସେଗୁଡ଼ିକୁ କ୍ରମଶଃ ଖୋଜି ହଟାଇବା ଦରକାର । ଏହି କ୍ରମରେ ଅଗ୍ରସର ହେଉଥିବା ବ୍ୟକ୍ତିକୁ ଯେଉଁ ଛୋଟ ଛୋଟ ସଫଳତା ମିଳିଥାଏ, ତଦ୍ୱାରା ତା'ର ସାହସ ବଢ଼ିଯାଏ । ସେହି ସୁଧାରର ଯେଉଁ ପ୍ରତ୍ୟକ୍ଷ ଲାଭ ମିଳିଥାଏ, ସେଗୁଡ଼ିକୁ ଦେଖି ବଡ଼ ପଦକ୍ଷେପ ଉଠାଇବାର ସାହସ ବି ହୋଇଥାଏ ଏବଂ ସେଗୁଡ଼ିକୁ ପୂର୍ଣ୍ଣ କରିବାର ମନୋବଳ ମଧ୍ୟ ସେତେବେଳକୁ ସଞ୍ଚି ହୋଇ ସାରିଥାଏ । ଯିଏ ଅସଂଯମ, ଆଳସ୍ୟ, ଆବେଶ, ଅନିୟମିତତା ଓ ଅବ୍ୟବସ୍ଥାର ସାଧାରଣ ଦୁର୍ବଳତା ଗୁଡ଼ିକୁ ଜିତି ପାରିଲା ନାହିଁ, ସେ ଷଡ଼ରିପୁ, ଅସୁରତାର ଆକ୍ରମଣଗୁଡ଼ିକର ମୁକାବିଲା କିପରି କରିବ ସନ୍ଥ, ଋଷି ଓ ଦେବତା ହେବା ପୂର୍ବରୁ ଆମକୁ ମନୁଷ୍ୟ ହେବା ଉଚିତ । ଯିଏ ମନୁଷ୍ୟତାର ଶିକ୍ଷା ପୂର୍ଣ୍ଣ କରି ନାହିଁ, ସିଏ କି ମହାତ୍ମା ହେବ ? ଅଧ୍ୟାତ୍ମର ଯାତ୍ରାର ପ୍ରଥମ ସୋପାନ ଉତ୍ତମ ମନୁଷ୍ୟ ହେବା ଦ୍ୱାରା ହିଁ ପୂର୍ଣ୍ଣ ହୋଇଥାଏ ଏବଂ ସେହି ଦିଗରେ ଚାଲିବାର ପ୍ରଯତ୍ନ ଆମେ କରିବା ଆବଶ୍ୟକ ।

## ଟିକିଏ ହସନ୍ତୁ

ସ୍ୱାମୀ: ଚା' ତିଆରି କର ଜଲଦି ।
ସ୍ତ୍ରୀ: ନିଜେ ତିଆରି କରିଦିଅ ।
ସ୍ୱାମୀ: ମୋର ମୁଣ୍ଡ ବିନ୍ଧା ହେଉଛି ।
ସ୍ତ୍ରୀ: ମୋର ବି ତଣ୍ଟିରେ ଦରଜ ଅଛି ।
ସ୍ୱାମୀ: ତା' ହେଲେ ଏଠିକି ଆସି ତୁମେ ମୋ ମୁଣ୍ଡ ଚିପି ଦିଅ । ଆଉ ମୁଁ ତୁମ ତଣ୍ଟି ଚିପି ଦେବି ।

× × × ×

ସ୍ୱାମୀ ଘରୁ ବାହାରକୁ ବାହାରିଲା ।
ସ୍ତ୍ରୀ: ବାହାରକୁ ଗଲା ବେଳେ ଭଗବାନଙ୍କୁ ହାତ ଯୋଡ଼ି ଘରୁ ବାହାରିବା କଥା । ସବୁ କାମ ଭଲ ହେବ ।
ସ୍ୱାମୀ: ମୁଁ ଏସବୁ ବିଶ୍ୱାସ କରେନି ।
ବାହାଘର ଦିନ ବି ହାତଯୋଡ଼ି ଘରୁ ବାହାରିଥିଲା ।

× × ×

ସ୍ତ୍ରୀ: ଆଜି ଚାଲ କେଉଁଆଡ଼େ ବୁଲିବାକୁ ଯିବା ।
ଆଉ ଡ୍ରାଇଭିଙ୍ଗ୍ ମୁଁ କରିବି ।
ସ୍ୱାମୀ: ବାଃ, ଆଜି କାର୍‌ରେ ଯିବା କାଲି ଖବରକାଗଜରେ ଆସିବା !



× × × ×

ସ୍ତ୍ରୀ: ବନ୍ଧୁକ ନେଇ କେଉଁଠିକୁ ଯାଉଛ ?
ସ୍ୱାମୀ: ଶିକାର କରିବାକୁ ।
ସ୍ତ୍ରୀ: ତା'ହେଲେ ଯାଉନ କାହିଁକି ?
ସ୍ୱାମୀ: ବାହାରେ କୁକୁର ଠିଆ ହୋଇଛି କେମିତି ଯିବ ?

× × × ×

ଗର୍ଲଫ୍ରେଣ୍ଡ: ତୁମେ ଯେଉଁ ଆଡେ ଯିବ ମୁଁ ତୁମ ପଛେ ପଛେ ଯିବ ।
ବଏଫ୍ରେଣ୍ଡ: ମତେ ତ ପ୍ରଥମରୁ ଲାଗୁଥିଲା ତୁ ଭୂତୁଣୀ ।

× × × × × ×

ସାର୍, ମୋ ସ୍ତ୍ରୀ ହଜିଯାଇଛନ୍ତି ଜାଣିପାରୁନି କ'ଣ କରିବି ?
ପୋଷ୍ଟ ମାଷ୍ଟର: ଆରେ ଏଇଟା ପୋଷ୍ଟ ଅଫିସ୍ । ପୁଲିସ୍ ଷ୍ଟେସନ୍ ଯାଅ ଏଠିକି କ'ଣ ପାଇଁ ଆସିଛ ?
ସ୍ୱାମୀ: ମୁଁ ଏତେ ଖୁସି ଯେ ଜାଣିପାରୁନି କେଉଁଠିକି ଯିବ ।

× × × × × ×

ଶିକ୍ଷକ: ଯଦି ପୃଥିବୀ ଭିତରେ ଲାଭା ଅଛି ତେବେ ପୃଥିବୀ ବାହାରେ କ'ଣ ଅଛି ?
ପପୁ: ସାର୍, ବାହାରେ ଓପୋ ଆଉ ଭିଭୋ ଅଛନ୍ତି ।

ବର୍ଷ ୨୬, ସଂଖ୍ୟା- ୧୨, ୨୦ - ୨୬ ମାର୍ଚ୍ଚ ୨୦୨୨

# ରାଜନୀତି ଇତିହାସରେ ମାଇଲଖୁଣ୍ଟ ସ୍ଥାପନ କରିଛି ବିଜେଡି

ଓଡ଼ିଶା ରାଜନୀତି ଇତିହାସରେ ଆଉ ଏକ ମାଇଲଖୁଣ୍ଟ ସ୍ଥାପନ କରିଛି ବିଜେଡି । କେବଳ ରାଜ୍ୟ କାହିଁକି ସାରା ଦେଶରେ ବୋଧହୁଏ ପ୍ରଥମଥର କୌଣସି ଆଞ୍ଚଳିକ ରାଜନୈତିକ ଦଳ ଅନୁରୂପ ସଂଖ୍ୟା ଗରିଷ୍ଠତା ହାସଲ କରିବା ପ୍ରଥମ ଘଟଣା । ସାରା ପାଇଁ କୌଣସି ଏକ ରାଜନୈତିକ ଦଳ ଓ ଦେଶରେ ପ୍ରଥମ ଥର ଦଳ ରାଜ୍ୟର ସମସ୍ତ ଜିଲ୍ଲାର ଜିଲ୍ଲାପରିଷଦ ନିରଙ୍କୁଶ ସଂଖ୍ୟାଗରିଷ୍ଠତାର ସହ ଗଠନ କରିଛି । 'ମା'କୁ ସମ୍ମାନ, ଗାଁକୁ କାମ' ସ୍ଲୋଗାନର ଯଥାର୍ଥତା ରାଜ୍ୟରେ ପ୍ରତିଫଳିତ ହୋଇଛି । ମା'ମାନେ ପାଇନାହାନ୍ତି, ସ୍ଥାନୀୟ ଶାସନ ବ୍ୟବସ୍ଥାରେ ସଂଖ୍ୟାଗରିଷ୍ଠ ପ୍ରତିନିଧିତ୍ୱ ପାଇଛନ୍ତି । ଯାହା ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତିଙ୍କ ନବୀନ ପଟ୍ଟନାୟକଙ୍କ ଦୃଢ଼ ରାଜନୈତିକ ନେତୃତ୍ୱ ଏବଂ ସୁଦୂରପ୍ରସାରୀ ଜନକଲ୍ୟାଣକାରୀ ଯୋଜନାରେ ପ୍ରତିଫଳନ ବୋଲି କୁହାଯାଉଛି । ପାଞ୍ଚ ପର୍ଯ୍ୟାୟରେ ହୋଇଥିବା ପଞ୍ଚାୟତ ନିର୍ବାଚନରେ ବିଜେଡି ସାରା ସାରା ରାଜ୍ୟରେ ଏକତରଫା ବିଜୟ ହାସଲ କରିଥିଲା । ବିଭିନ୍ନ ଜିଲ୍ଲା ମୁଖ୍ୟାଳୟରେ ଅନୁଷ୍ଠିତ ଜିଲ୍ଲା ପରିଷଦ ଅଧକ୍ଷ/ଅଧକ୍ଷା ନିର୍ବାଚନ ଦଳ ପାଇଁ କେବଳ ଔପଚାରିକତା ଥିଲା । କାଁ ଭାଁ କେତେକ ସ୍ଥାନରେ ବିରୋଧୀ କେବଳ ପ୍ରତୀକାତ୍ମକ ଭାବେ ପରୋକ୍ଷ ନିର୍ବାଚନରେ ଅଂଶ ଗ୍ରହଣ କରିଥିଲେ ହେଁ ବିଜେଡି ସର୍ବକାଳୀନ ସଫଳତାର ରେକର୍ଡ଼ ହାସଲ କରିଛି ।

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚଳିତ ନିର୍ବାଚନରେ ମହିଳା, ଯୁବବର୍ଗ ଓ ପଛୁଆଙ୍କ ଉପରେ ସମ୍ପୂର୍ଣ୍ଣ ଆସ୍ଥା ସ୍ଥାପନ କରିଛନ୍ତି । ଗାଁ ଗହଳିର ବିକାଶ ସହ ରାଜ୍ୟର ଭବିଷ୍ୟତ ଏହି ବର୍ଗଙ୍କ ଉପରେ ନ୍ୟସ୍ତ କରିଛନ୍ତି । ଦୃଢ଼ ସଙ୍ଗଠକ, ଯୁବ ଚେହେରା, ସ୍ୱଚ୍ଛ ଭାବମୂର୍ତ୍ତି ଥିବା ପ୍ରାର୍ଥୀ ପ୍ରାର୍ଥିନୀଙ୍କୁ ପ୍ରାଧାନ୍ୟ ଦେଇଛନ୍ତି । ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ନିର୍ବାଚିତ ଜିଲ୍ଲା ପରିଷଦ ସଦସ୍ୟମାନଙ୍କ ହାରାହାରି ବୟସସୀମା ୪୧ ବର୍ଷ । ଗୁରୁତ୍ୱପୂର୍ଣ୍ଣ ହେଉଛି ଯେ ରାୟଗଡ଼ା ଜିଲ୍ଲାର ବିକାଶ ଦାୟିତ୍ୱ ଏପରି ଜଣକ ଉପରେ ନ୍ୟସ୍ତ ହୋଇଛି ଯିଏ ମହିଳା, ଶିକ୍ଷିତା ଓ ଯୁବବର୍ଗର ମଧ୍ୟ । ଜିଲ୍ଲା ପରିଷଦ ଅଧକ୍ଷା ସରସ୍ୱତୀ ମାଝୀ ବିଜ୍ଞାନରେ ସ୍ନାତକ ଡ଼ିଗ୍ରୀ ହାସଲ କରିଛନ୍ତି । ୨୨ ବର୍ଷ ବୟସରେ ଜିଲ୍ଲା ପରିଷଦର ଗୁରୁ ଦାୟିତ୍ୱ ବହନ କରିଛନ୍ତି । ଅଧକ୍ଷା ଭାବେ ନିର୍ବାଚିତ ହେବା ପୂର୍ବରୁ ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଓ ସରକାରୀ ଯୋଜନାକୁ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ସେ କାଶୀପୁର ବ୍ଲକରୁ ପ୍ରତିନିଧିତ୍ୱ କରୁଛନ୍ତି ।

ମାଲକାନଗିରି ଜିଲ୍ଲା ସ୍ୱାଭିମାନ ଅଞ୍ଚଳର ଜଣେ ମହିଳା ଜିଲ୍ଲା ପରିଷଦ ଅଧକ୍ଷା ଭାବେ ମନୋନୀତ ହୋଇଛନ୍ତି । ସୁଶ୍ରୀ ସମାରି ଟାଙ୍ଗୁଲଙ୍କ ବୟସ ମାତ୍ର ୨୬ ବର୍ଷ ଓ ସେ ଶିକ୍ଷିତା ମଧ୍ୟ । ଆଦିବାସୀ ଅଧୁଷିତ ମାଲକାନଗିରି ଜିଲ୍ଲାର ବିକାଶ ଦାୟକ ତାଙ୍କ ଉପରେ ନ୍ୟସ୍ତ ହୋଇଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ଚଳିତ ନିର୍ବାଚନରେ ମହିଳାଙ୍କ ପାଇଁ ୫୦% ସଂରକ୍ଷଣ ସୀମାରେଖା ରହିଥିବା ସତ୍ତ୍ୱେ ମହିଳାଙ୍କୁ ଗୁରୁତ୍ୱ ସଂକ୍ରାନ୍ତ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଦଳ ଅକ୍ଷରେ ଅକ୍ଷରେ କାର୍ଯ୍ୟକାରୀ କରିଛି । ରାଜ୍ୟର ୭୦ ପ୍ରତିଶତ ଜିଲ୍ଲା ପରିଷଦ ଅଧକ୍ଷ ମହିଳା ହୋଇଛନ୍ତି । ସେହିପରି ଅଣସଂରକ୍ଷିତ ଏବଂ ମହିଳାଙ୍କ ପାଇଁ ଥିବା ଆସନର ୬୭ ପ୍ରତିଶତ ଅନ୍ୟାନ୍ୟ ପଛୁଆବର୍ଗ(ଓବିସି) କୁହାଯାଇଛି । ଦୀର୍ଘ ୨୨ ବର୍ଷର ନିରବଚ୍ଛିନ୍ନ ଶାସନ ସତ୍ତ୍ୱେ ସତ୍ତା ବିରୋଧୀ ହାୱାର ଲେଶମାତ୍ର ଅନୁଭବ କରାଯାଇନାହିଁ । ଏହା ନବୀନ ପଟ୍ଟନାୟକଙ୍କ ଦୃଢ଼ ନେତୃତ୍ୱ ଏବଂ ସଫଳ ପ୍ରଶାସକର ପରିଚୟ ବୋଲି ରାଜନୈତିକ ସମୀକ୍ଷକମାନେ ମତ ରଖୁଛନ୍ତି ।

ସମ୍ବଲପୁର ଜିଲ୍ଲା ଉପାନ୍ତ ଅଞ୍ଚଳ ବାମରା ବ୍ଲକରୁ ଆସିଥିବା ସୁଶ୍ରୀ କୁମୁଦିନୀ ନାୟକ ଜିଲ୍ଲା ପରିଷଦ ଅଧକ୍ଷା ହୋଇ ପାରିଛନ୍ତି । ୩୦ ଜିଲ୍ଲାରୁ ୧୫ଟି ଜିଲ୍ଲାରେ ୪୦ ବର୍ଷରୁ କମ୍ ବ୍ୟକ୍ତିବିଶେଷ ସଭାପତି ପଦ ଅଳଙ୍କୃତ କରିଛନ୍ତି । ସେହିପରି ୩୦ ଜିଲ୍ଲାରୁ ୨୩ଟିରେ ୫୦ ବର୍ଷରୁ କମ୍ ବୟସର ଜିଲ୍ଲା ପରିଷଦ ସଭାପତି ଅଛନ୍ତି । ସାମଗ୍ରିକ ଭାବେ ଜିଲ୍ଲା ପରିଷଦ ଅଧକ୍ଷ/ଅଧକ୍ଷାଙ୍କ ହାରାହାରି ବୟସ ୪୧ ରହିଛି । ଏହି ନିର୍ବାଚନର ଅନ୍ୟତମ ପ୍ରମୁଖ ବୈଶିଷ୍ଟ୍ୟ ହେଉଛି- ମନୋନୀତ ପ୍ରାର୍ଥୀଙ୍କ ଶିକ୍ଷାଗତ ଯୋଗ୍ୟତା । ୧୮ ଜିଲ୍ଲା ପରିଷଦ ସଭାପତି ସ୍ନାତକ ଶିକ୍ଷା କରିଛନ୍ତି । ୩୦ ଜିଲ୍ଲାରୁ ୨୬ ଜଣ ଅଧକ୍ଷଙ୍କ ସର୍ବନିମ୍ନ ଯୋଗ୍ୟତା ଯୁକ୍ତ ୨ ରହିଛି । ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ଶ୍ରୀ ପଟ୍ଟନାୟକ ସତର୍କତାର ସହ ଜିଲ୍ଲାଗୁଡ଼ିକରେ ଉତ୍ତମ ଲୋକ ସମ୍ପର୍କ ଥିବା ଏବଂ କୌଣସି ଆପରାଧିକ ମାମଲା ନ ଥିବା ଜିଲ୍ଲାର ଶିକ୍ଷିତ ପ୍ରାର୍ଥୀମାନଙ୍କୁ ମନୋନୀତ କରି ସେମାନଙ୍କ ହାତରେ ନେତୃତ୍ୱ ପ୍ରଦାନ କରିଛନ୍ତି । ପ୍ରଥମଥର ପାଇଁ ପ୍ରାୟ ୭୦% ମହିଳା ଜିଲ୍ଲା ପ୍ରଶାସନର ଶୀର୍ଷ ସ୍ଥାନ ଅକ୍ତିଆର କରିଛନ୍ତି । ଯାହା ବୋଧହୁଏ ଦେଶର ଅନ୍ୟ ରାଜ୍ୟ ଗୁଡ଼ିକରେ ଦେଖାଯାଇନାହିଁ ।

ରାଜ୍ୟର ବଡ଼ ଜିଲ୍ଲା ତଥା ମୟୂରଭଞ୍ଜ, ଗଞ୍ଜାମ, କେନ୍ଦୁଝର, ସୁନ୍ଦରଗଡ଼, ସମ୍ବଲପୁର ଏବଂ ଅବିଭକ୍ତ କୋରାପୁଟ(କେବଳ ନବରଙ୍ଗପୁର) ବ୍ୟତୀତ ଜିଲ୍ଲାରେ ମହିଳା ଜିଲ୍ଲା ପରିଷଦ ସଭାନେତ୍ରୀ ପଦରେ ଅବସ୍ଥାପିତ ହୋଇଛନ୍ତି । ୧୮ଟି ଅଣସଂରକ୍ଷିତ ଆସନ ମଧ୍ୟରୁ(ମହିଳାଙ୍କ ସମେତ) ୧୨ଟି ଓବିସି ପ୍ରାର୍ଥୀ(୬୭%) ଜିଲ୍ଲା ପରିଷଦ ସଭାପତି ହୋଇଛନ୍ତି । ଓବିସି ପ୍ରାର୍ଥୀମାନଙ୍କୁ ଅଗ୍ରାଧିକାର ଦେବାରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି ଆଜି ପ୍ରତିବଦ୍ଧତାରେ ପ୍ରତିଫଳିତ ହୋଇଛି । ମୁଖ୍ୟମନ୍ତ୍ରୀ ପ୍ରତିନିଧି କରୁଥିବା ଜିଲ୍ଲା ଗଞ୍ଜାମର ଜିଲ୍ଲା ପରିଷଦ ଅଧକ୍ଷା ମଧ୍ୟ ଜଣେ ଓବିସି ବର୍ଗର ମହିଳା ବୋଲି ଜଣାପଡ଼ିଛି ।



# ପାରସ୍ପରିକ ସହିଷ୍ଣୁତା

## ମହାତ୍ମା ଗାନ୍ଧୀ

ପାରସ୍ପରିକ ସହିଷ୍ଣୁତା ହେଉଛି ଆଚରଣର ସର୍ବଶ୍ରେଷ୍ଠ ନିୟମ । କାରଣ, ଆମେ କେବେହେଲେ ସମସ୍ତେ ଏକାପ୍ରକାରେ ଭାବିବା ନାହିଁ ଏବଂ ସର୍ବଦା ପରମସତ୍ୟକୁ କେବଳ ଖଣ୍ଡିତଭାବରେ ଓ ଭିନ୍ନ ଭିନ୍ନ କୋଣରୁ ହିଁ ଦେଖୁଥିବା । ବିବେକ କହିଲେ ସମସ୍ତଙ୍କ ପାଇଁ କଦାପି ଏକା କଥାକୁ ବୁଝାଏନାହିଁ । ତେଣୁ, ବ୍ୟକ୍ତିଗତ ଆଚରଣ ନିମନ୍ତେ ଏହା ଏକ ଭଲ ମାର୍ଗଦର୍ଶକ ହୋଇଥିଲେହେଁ ତୁମେ ଯଦି ସେହି ଆଚରଣକୁ ଅନ୍ୟ ସମସ୍ତଙ୍କ ଉପରେ ନେଇ ଲଦିଦେବାକୁ ବସିବ, ତେବେ ତାହା ପ୍ରତ୍ୟେକ ବ୍ୟକ୍ତିର ବିବେକଗତ ସ୍ୱାଧୀନତା ଉପରେ ଏକ ଅସହନୀୟ ହସ୍ତକ୍ଷେପ କରିବାଭଳି ହେବ । ଏପରିକି ଯେଉଁମାନେ ସର୍ବାଧିକ ବିବେକସମ୍ପନ୍ନ ବ୍ୟକ୍ତି, ମତାମତର କ୍ଷେତ୍ରରେ ପ୍ରକୃତ ପାର୍ଥକ୍ୟ ସେମାନଙ୍କ କ୍ଷେତ୍ରରେ ମଧ୍ୟ ଅବଶ୍ୟ ରହିବ । ତେଣୁ, ଯେକୌଣସି ସଭ୍ୟ ସମାଜରେ, ପାରସ୍ପରିକ ସହିଷ୍ଣୁତା ହିଁ ଆଚରଣର ଏକମାତ୍ର ସମ୍ଭବ ନିୟମ ହୋଇ ରହିବ ।

କ୍ଷମା ହେଉଛି ଆତ୍ମାର ଏକ ଗୁଣ, ଏବଂ ତେଣୁ ତାହା ହେଉଛି ଏକ ସକାରାତ୍ମକ ଗୁଣ । ତାହା ଆଦୌ ନକାରାତ୍ମକ ନୁହେଁ । "ଅକ୍ରୋଧ ଦ୍ୱାରା କ୍ରୋଧକୁ ଜୟ କର" ବୋଲି ଭଗବାନ ବୁଦ୍ଧ କହିଛନ୍ତି । ମାତ୍ର,ସେହି ଅକ୍ରୋଧ ପ୍ରକୃତରେ କ'ଣ ? ତାହା ହେଉଛି ଏକ ସକାରାତ୍ମକ ଗୁଣ ଏବଂ ତାହା ଉଦାରତା ଅର୍ଥାତ୍ ପ୍ରେମର ସେହି ସର୍ବୋଚ୍ଚ ଗୁଣଟିକୁ ହିଁ ବୁଝାଉଛି । ତୁମକୁ ଏହି ସର୍ବୋଚ୍ଚ ଗୁଣଟିର ସ୍ତରକୁ ଜାଗ୍ରତ ହୋଇ ଉଠିବାକୁ ହେବ, ଯାହାକି, କ୍ରୋଧୀ ବ୍ୟକ୍ତିଟିର ସମୀପକୁ ଯାଇ, ତା' ଠାରୁ ତା'କ୍ରୋଧର କାରଣଟିକୁ ଜାଣି, ଯଦି ତୁମେ ତା'କ୍ରୋଧର କୌଣସି କାରଣ ହୋଇଥାଅ, ତେବେ ତାହାର ଆବଶ୍ୟକ କ୍ଷତିପୂରଣ କରାଇ ଏବଂ ତା'ପରେ ତା'ରୀତିର ଭୁଲ ବିଷୟରେ ତା'ର ହୃଦ୍‌ବୋଧ କରାଇ ଏବଂ ଏପରି ଉତ୍କ୍ଷିପ୍ତ ହୋଇପଡ଼ିବା ଆଦୌ ଉଚିତ ନୁହେଁ ବୋଲି ତାକୁ ବୁଝାଇଦେଇ ଆପଣାକୁ ବ୍ୟକ୍ତ କରି ପାରୁଥିବ । ଆତ୍ମାର ଏହି ଗୁଣଟି ବିଷୟରେ ସଚେତନ ରହିବା ଏବଂ ସ୍ୱତଃପ୍ରବୃତ୍ତଭାବରେ ତାହାର ପ୍ରୟୋଗକରିବା ଏହା ଯେ କେବଳ ସଂପୃକ୍ତ ମନୁଷ୍ୟଟିକୁ ଉପରକୁ ଉଠାଇନିଏ ତା'ନୁହେଁ, ଏହା ଚତୁର୍ଦ୍ଦିଗର ପରିବେଶଟିକୁ ମଧ୍ୟ ଉପରକୁ ଉଠାଇ ନେଇଯାଏ । ଅବଶ୍ୟ ଏହା ଏକାନ୍ତ ସତ୍ୟ ଯେ, ସେହି ପ୍ରେମଟି ଯାହା ଭିତରେ ରହିଛି, କେବଳ ସେଇ ତାହାର ପ୍ରୟୋଗ କରିପାରିବ । ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଅବରିତ ଚେଷ୍ଟା ଦ୍ୱାରା ସେହି ପ୍ରେମର ଅବଶ୍ୟ କର୍ଷଣ ହୋଇ ପାରିବ ।

ଯାହା ବ୍ୟକ୍ତିପାଇଁ ସତ୍ୟ, ତାହା ଜାତିମାନଙ୍କପାଇଁ ମଧ୍ୟ ସତ୍ୟ । ଜଣେ ବ୍ୟକ୍ତି କଦାପି ଆବଶ୍ୟକରୁ ଅଧିକ କ୍ଷମା ଦେଇପାରିବ ନାହିଁ । ଦୁର୍ବଳ ବ୍ୟକ୍ତି କଦାପି କ୍ଷମା ଦେଇପାରେନାହିଁ । କ୍ଷମା ହେଉଛି ସବଳ ମନୁଷ୍ୟର ଗୁଣ ।

ମନୁଷ୍ୟର ପ୍ରକୃତିକୁ ସନ୍ଦେହ କରିବାକୁ ମୁଁ ଆଦୌ ରାଜି ନୁହେଁ । ଯେକୌଣସି ସଦିଚ୍ଛାଯୁକ୍ତ ଓ ବନ୍ଧୁଭାବାପନ୍ନ କାର୍ଯ୍ୟକୁ ମୁଁ ଅନୁସନ୍ଧାନ ଜଣାଇବି, ଜଣାଇବାକୁ ବାଧ ହେବି ।-

ମୋ'ଲାଗି ମନୁଷ୍ୟ ଓ ମନୁଷ୍ୟଜାତି ଲାଗି କୌଣସି ଅବିଶ୍ୱାସ ନାହିଁ । ପ୍ରତ୍ୟେକ ମନୁଷ୍ୟ ଭଗବାନଙ୍କ ଆଗରେ ତ ଅବଶ୍ୟ ଜବାବ ଦେବେ, ତେବେ ମୁଁ କାହିଁକି ସେଥିପାଇଁ ବ୍ୟସ୍ତ ହେବି । ମାତ୍ର, ମୋ' ନିଜ ଜୀବନ କର୍ମଟିର କ୍ଷେତ୍ରରେ ମୋ'ର ଭାବନା ଅବଶ୍ୟ ସକ୍ରିୟ ହୋଇ ରହିଥାଏ ଏବଂ ଯେତେ ଯାହା ସନ୍ଦେହ ଓ ଅବିଶ୍ୱାସ ରହିଥିଲେ ମଧ୍ୟ ମୁଁ ପ୍ରତ୍ୟେକ ବ୍ୟକ୍ତିଙ୍କର ଶୁଭ ହିଁ ଇଚ୍ଛା କରୁଥାଏ । ଯଦି ଯନ୍ତ୍ରଣା ପାଇବା ମୋ'ପାଇଁ ଲେଖା ହୋଇ ରହିଥାଏ, ତେବେ ମୁଁ ନିଶ୍ଚୟ ସେହି ଯନ୍ତ୍ରଣାକୁ ସହିବି । ମାତ୍ର, ମନ୍ଦ ବିରୋଧରେ ସଂଗ୍ରାମ କରି ପାରୁଥିବା ପର୍ଯ୍ୟନ୍ତ ମୁଁ କାହିଁକି ନିରୁତ୍ସାହିତ ହୋଇ ରହିବି ।-

ଜଣେ ମୋତେ ବିଶ୍ୱାସ କଲେ ମୁଁ ତାକୁ ବିଶ୍ୱାସ କରିବି ଓ ଜଣେ ମୋତେ ଭଲପାଇଲେ ମୁଁ ତାକୁ ଭଲପାଇବି ଏହା କୌଣସି ବିଶ୍ୱାସ ନୁହେଁ କି କୌଣସି ଭଲପାଇବା ନୁହେଁ । ଅସଲ ଭଲ ପାଇବା ହେଉଛି, ଯେଉଁମାନେ ତୁମକୁ ଘୃଣା କରୁଛନ୍ତି ସେମାନଙ୍କୁ ବି ଭଲପାଇବା, ନିଜ ପ୍ରତିବେଶୀକୁ ତୁମେ ସନ୍ଦେହ କରୁଥିଲେ ମଧ୍ୟ ତାକୁ ଭଲପାଇବା, ଇଂରେଜ ହାକିମବର୍ଗଙ୍କୁ ସନ୍ଦେହ କରିବା ପାଇଁ ମୋ'ପାଖରେ ଅତୁଟ କାରଣମାନ ରହିଛି । ଯଦି ମୋ'ର ଭଲପାଇବା ପ୍ରକୃତ ହୋଇଥାଏ, ତେବେ ମୋ'ର ସନ୍ଦେହ ସତ୍ତ୍ୱେ ମୋତେ ତଥାପି ଇଂରେଜକୁ ଭଲପାଇବାକୁ ହେବ । ମୋ'ବନ୍ଧୁ ଉପରେ ମୋ'ର ବିଶ୍ୱାସ ରହିଥିଲାଯାଏ ହିଁ ଯଦି ମୁଁ ତାକୁ ଭଲ ପାଇଲି, ତେବେ ମୋ' ଭଲପାଇବାର ଆଉ କେଉଁ ଯଥାର୍ଥତା ରହିଲା । ଚୋରମାନେ ମଧ୍ୟ ତାହା କରିଥାନ୍ତି । ବିଶ୍ୱାସ ତୁଟିଯିବା ସଙ୍ଗେ ସଙ୍ଗେ ସେମାନେ ଶତ୍ରୁ ହୋଇଯାନ୍ତି ।

# କଲୋନ୍ କ୍ୟାନସରରୁ ଉପଶମ ଦେବ ଭେଣ୍ଡି

ଭେଣ୍ଡିରେ ଅନେକ ପ୍ରକାର ଉପକାରୀ ଗୁଣ ଭରି ରହିଛି । ହେଲେ ଏହାକୁ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କଲେ ତାହା କଲୋନ୍ କ୍ୟାନ୍ସର ଠାରୁ କେତେକାଂଶରେ ଦୂରେଇ ରଖିବାରେ ସାହାଯ୍ୟ କରିଥାଏ । କେବଳ ସେତିକି ନୁହେଁ ଭେଣ୍ଡିରେ ଏପରି ତତ୍ତ୍ୱ ରହିଛି, ଯାହା କଲୋନ୍ କ୍ୟାନ୍ସର୍ ଯନ୍ତ୍ରଣାରୁ କିଛି ପରିମାଣର ଉପଶମ ଦେଇଥାଏ ବୋଲି ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି । 'କଲୋନ୍ କ୍ୟାନ୍ସର୍ ଓ ଭେଣ୍ଡି' ଶୀର୍ଷକ ବିଷୟକୁ ନେଇ ୟୁନିଭର୍ସିଟି ଅଫ୍ ଲଣ୍ଡନର କ୍ୟାନ୍ସର ବିଜ୍ଞାନୀମାନେ ଏକ ଗବେଷଣା କରି ଏଭଳି ତଥ୍ୟ ବିଷୟରେ ସୂଚନା ଦେଇଛନ୍ତି । ଏପରି କ୍ୟାନ୍ସର୍ ସହ ଜଡ଼ିତ କେତେକ ବ୍ୟକ୍ତିଙ୍କୁ ନିୟମିତ କିଛି ପରିମାଣର ଭେଣ୍ଡିରେ ପ୍ରସ୍ତୁତ ଖାଦ୍ୟ ଖାଇବାକୁ ଦିଆଯାଇଥିଲା । ଅନ୍ୟପକ୍ଷରେ ନିୟମିତ ସମୟ ବ୍ୟବଧାନରେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ମଧ୍ୟ କରାଯାଇଥିଲା । ଆଶ୍ଚର୍ଯ୍ୟଜନକ ଭାବରେ କେତେଜଣ କଲୋନ କ୍ୟାନ୍ସର୍ ରୋଗୀ ଏହି ଯନ୍ତ୍ରଣାରୁ କେତେକାଂଶରେ ଉପଶମ ଅନୁଭବ କରୁଥିବାର ଜଣାପଡ଼ିଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି ।

## ଓଜନ କମାଇବ ଇସବଗୁଲ୍

ଓଜନ କମାଇବା ପାଇଁ ଲୋକମାନେ ଦୀର୍ଘଦିନ ଧରି ଇସବଗୁଲ ଭୁଷିର ବ୍ୟବହାର କରି ଆସିଛନ୍ତି । ଆସନ୍ତୁ ଜାଣିବା କେମିତି ତିଆରି କରିବା ଇସବଗୁଲ ଭୁଷିରୁ ଓଜନ କମାଇବା ଜୁସ୍ । ଓଜନ କମାଇବା ପାଇଁ ଡାଏଟ୍ ଓ ପାଚନ ତନ୍ତ୍ର ଠିକ୍ ରହିବା ବହୁତ ଜରୁରୀ । ଏହି ଦୁଇଟିରେ କିଛି ଗଡ଼ବଡ଼ ହେଲେ ଶରୀରରେ ଚର୍ବି ଜମିବା ସହ ବ୍ୟକ୍ତି ମୋଟା ହୋଇଥାନ୍ତି । ଏହି ଜୁସ୍ ବିଶେଷକରି ସେତେବେଳେ କାମ କରିବ, ଯେତେବେଳେ କୌଣସି ପର୍ବପର୍ବାଣୀ ବା ବିବାହ, ବ୍ରତ ଆଦିରେ ଆପଣ ଆବଶ୍ୟକଠାରୁ ଅଧିକ ଅସ୍ୱାସ୍ଥ୍ୟକର ଖାଦ୍ୟ ଖାଇଥିଲେ ।

ପ୍ରି-ବାୟୋଟିକ ଡ୍ରିଙ୍କ୍ସ: ଏହି ପାନୀୟରେ ପେଟକୁ ସୁସ୍ଥ ରଖୁଥିବା ବିଭିନ୍ନ ପଦାର୍ଥର ବ୍ୟବହାର କରାଯାଇଛି । ପ୍ରଥମ ଇସବଗୁଲ୍ ଭୁଷି ଓ ସେଓ ସିର୍କା ଉଭୟ ଓଜନ କମାଇବା ପାଇଁ ବ୍ୟବହୃତ ହୋଇଥାଏ ।

ଇସବଗୁଲ ଭୁଷି ଓ ସେଓ ସିକ୍କାର ଡ୍ରିଙ୍କସ: ଇସବଗୁଲ ଭୁଷିରେ ବହୁ ମାତ୍ରାରେ ଫାଇବର ରହିଥାଏ । ଏହାକୁ ପାଣିରେ ମିଶାଇ ଦିଅନ୍ତୁ । ଏହା ଜେଲରେ ପରିଣତ ହେବା ପାଇଁ ସମସ୍ତ ପାଣିକୁ ଅବଶୋଷିତ କରିଦେଇଥାଏ । ଏହାକୁ ପିଇବା ଦ୍ୱାରା ଶରୀରର ସମସ୍ତ ଅଦରକାରୀ ପଦାର୍ଥକୁ ବାହାରକୁ ବାହାର କରିଦିଏ । ଦ୍ୱିତୀୟରେ ସେଓ ସିର୍କା ଏକ ପ୍ରିବାୟୋଟିକ୍, ଯାହା ପେଟକୁ ସଫା ରଖିବାରେ ବେଶ୍ ସହାୟକ ହୋଇଥାଏ ।



ପ୍ରସ୍ତୁତି : ଏକ ଚାମଚ ଭୁଷି - ଏକ ଚାମଚ ସେଓ ସିର୍କା । ସେଥିରେ ଅଧା ଗ୍ଲାସ୍ ବା ୨୦୦ରୁ ୨୫୦ ମି.ଗ୍ରା ପାଣି ମିଶାନ୍ତୁ । ୬ ସକାଳ ଭୋଜନ କରିବାର ଅଧା ଘଣ୍ଟା ପୂର୍ବରୁ ଏହାକୁ ପିଅନ୍ତୁ ।

ଇସବଗୁଲ ଭୁଷି ଓ ଡାଲଚିନି ଡ୍ରିଙ୍କସ୍: ଡାଲଚିନିରେ ଆଣ୍ଟି -ମାଇକ୍ରୋବାୟଲ ଗୁଣ ରହିଛି, ଯାହା ପାଚନ ତନ୍ତ୍ରର ସଂକ୍ରମଣକୁ କମ୍ କରିଥାଏ । ଏହା ଖାଦ୍ୟ ପଦାର୍ଥରେ ଥିବା ଲିଭେରିଆ ପର ବ୍ୟାକ୍ଟେରିଆକୁ ବଢିବାରୁ ରୋକିଥାଏ । କୃଷି ସହ ଡାଲଚିନି ମିଶାଇ ପିଇବା ଦ୍ୱାରା ପେଟ ସଫା ରହିବା ଓ ଓଜନ ନିୟନ୍ତ୍ରିତ ରକ୍ତରେ ଶର୍କରାର ସନ୍ତୁଳିତ ରହିଥାଏ ।

ପ୍ରସ୍ତୁତି : ୬ ଏକ ଚାମଚ କୃଷି ଅଧ ଗ୍ଲାସ୍ ବା ୨୦୦ରୁ ୨୫୦ ମି.ଗ୍ରା ପାଣି ନିଅନ୍ତୁ । ୬ ଏଥିରେ ଏକ ଛୋଟ ଚାମଚ ଡାଲଚିନି ଗୁଣ୍ଡ ପକାନ୍ତୁ । ୬ ସକାଳ ଜଳଖିଆର ୨୦/୩୦ ମିନିଟ୍ ପୂର୍ବରୁ ଏହାକୁ ପିଅନ୍ତୁ ।

## ପୋଷକ ତତ୍ତ୍ୱରେ ଭରପୁର ରାଜମା

ବିନ୍ସ ଜାତୀୟ ରାଜମାର ବୈଜ୍ଞାନିକ ନାମ ଫେଜିୟୋଲସ ବଲ୍ଗରିସ୍ । କିଡନୀ ଆକାର ଏବଂ ରଙ୍ଗ ସମାନ କାରଣରୁ ଏହାକୁ କିଡନୀ ବିନ୍ସ କୁହାଯାଇଥାଏ । ଏହି ବିନ୍ସ ହାଲୁକା ଧୂସର ରଙ୍ଗର । ଏହା ଖାଇବାକୁ ଯେପରି ସୁଆଦିଆ ପୋଷକ ତତ୍ତ୍ୱ ମଧ ଏଥିରେ ଭରପୁର । ଏହା ସ୍ୱାସ୍ଥ୍ୟ ଲାଗି ଖୁବ୍ ଉପକାରୀ ।

ରାଜମାରେ ଥିବା କାର୍ବୋହାଇଡ୍ରେଟ ଓ ଫାଇବର ରକ୍ତରେ କୋଲେଷ୍ଟ୍ରଲ ସ୍ତର କମ୍ କରିଥାଏ । କମ୍ ଗ୍ଲିସୋମିକ ସୂଚକାଙ୍କ କାରଣରୁ ରାଜମା ମଧୁମେହ ପାଇଁ ଏକ ଭଲ ବିକଳ୍ପ । କମ୍ ଗ୍ଲିସେମିକ୍ ସୂଚକାଙ୍କ ଶରୀରର ଶର୍କରା ସ୍ତରକୁ ସନ୍ତୁଳିତ କରି ବଜାୟ ରଖିଥାଏ । ଏଥିରେ ମଧୁମେହର ଆଶଙ୍କାକୁ ମଧ କମ୍ କରି ଦେଇଥାଏ ।

ରାଜମାରେ ଉଚ୍ଚ ପ୍ରୋଟିନ ସାମଗ୍ରୀ ରହିଥାଏ । କେବଳ ସେତିକି ନୁହେଁ, ଏହା ଶାକାହାରୀଙ୍କ ପାଇଁ ମାଂସର ଏକ ବହୁଳ ଭଲ ବିକଳ୍ପ ।



ରାଜମାରେ ପୋଟାସିୟମ୍, ମ୍ୟାଗ୍ନେସିୟମ, ଘୋଳନଶୀଳ ଫାଇବର ଓ ପ୍ରୋଟିନର ଉତ୍ତମ ସ୍ରୋତ ରହିଥିବା ହେତୁ ଏହା ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ । ପୋଟାସିୟମ୍ ଓ ମ୍ୟାଗ୍ନେସିୟମ୍ ଧମନୀ ଓ ବାହିକାରେ ପ୍ରସାରିତ ହେବା ସହିତ ସାମାନ୍ୟ ରକ୍ତ ପ୍ରବାହକୁ ସୁନିଶ୍ଚିତ କରିଥାଏ । ଏହା ବ୍ୟତୀତ ରାଜମାରେ ଗଚ୍ଛିତ ମ୍ୟାଗ୍ନେସିୟମ୍ ମାଇଗ୍ରେନ ସମସ୍ୟା ବା ମୁଣ୍ଡ ବିନ୍ଧାକୁ ରୋକିବାରେ ସହାୟକ ହୋଇଥାଏ ।

ରାଜମାରେ ବହୁ ମାତ୍ରାରେ ଫାଇବର ରହିଥିବାରୁ ଆପଣଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଭୋକ ହେବାକୁ ଦିଏ ନାହିଁ । ଏହା ବ୍ୟତୀତ ଏଥିରେ ଥିବା କମ ଚର୍ବି ଯୁକ୍ତ ତତ୍ତ୍ୱରେ କମ କ୍ୟାଲୋରି ଯୁକ୍ତ ଖାଦ୍ୟ ତିଆରି ହୋଇଥାଏ । ଓଜନ କମ୍ କରିବାକୁ ଚାହୁଁଥିବା ବ୍ୟକ୍ତି ରାଜମା ଖାଇବା ବହୁତ ଭଲ ।

ରାଜମାକୁ ସଠିକ୍ ମାତ୍ରାରେ ଖାଇଲେ ପାଚନ ତନ୍ତ୍ର ଶୁଦ୍ଧ ହୋଇଥାଏ, ଶରୀରରେ ବିଷାକ୍ତ ପଦାର୍ଥକୁ ଜମା ହେବାକୁ ଦିଏ ନାହିଁ । କୋଲନ କ୍ୟାନସର ଆଶଙ୍କାକୁ ମଧ କମ୍ କରିଥାଏ ।

ରାଜମାରେ ଉଚ୍ଚ ମାତ୍ରାରେ ମ୍ୟାଗ୍ନେସିୟମ ରହିଥାଏ, ଯାହା କୋଲେଷ୍ଟ୍ରୋଲକୁ ମ୍ୟାନେଜ କରିବା କାର୍ଯ୍ୟ କରିଥାଏ ଓ ହାର୍ଟ ଷ୍ଟ୍ରୋକ୍ ସମସ୍ୟା ତଥା ରକ୍ତ ଜମାଟ ବାନ୍ଧିବାକୁ ଦିଏନାହିଁ ।

## ପ୍ରାକୃତିକ ପେନ୍‌କିଲର

ରୋଗୀର ରୋଗକୁ ନିରୂପଣ କରି ସେହି ଅନୁସାରେ ଡାକ୍ତର ଔଷଧ ଖାଇବାକୁ ପରାମର୍ଶ ଦେଇ ଥାଆନ୍ତି । ରୋଗରୁ ଶୀଘ୍ର ଆରୋଗ୍ୟ ପାଇବା ପାଇଁ ପେନ୍‌କିଲର ଖାଇବାର ଦେଖା ଯାଇଥାଏ । ତେବେ ଏ ନେଇ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ । ପୁଣି କେତେକ ପରିସ୍ଥିତିକୁ ଦେଖୁ ପେନ୍‌ସିଲର ଖାଇବା ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ବୋଲି ଡାକ୍ତରମାନେ କହିଥାନ୍ତି । ଶରୀରରେ କେଉଁଠି ପେନ୍ ହେଲେ, ବ୍ୟଥା ଲାଗିଲେ ଆମେ ଆବଶ୍ୟକତାଠାରୁ ଅଧିକ ପେନ୍‌ଲର ଖାଇ ଦେଇଥାଉ । କିନ୍ତୁ କେତେକ ପେନକିଲରର ସାଇଡ୍ ଇଫେକ୍ଟ ରହିଛି ।



ଏପରି କେତୋଟି ପ୍ରାକୃତିକ ଦ୍ରବ୍ୟ ରହିଛି, ଯାହାକୁ ପ୍ରାକୃତିକ ପେନ୍‌କିଲର ଭାବରେ ଆପଣ କରିପାରନ୍ତି । କାରଣ ଏଗୁଡ଼ିକରେ ଥିବା ଔଷଧୀୟ ଗୁଣ ଅଳ୍ପ ସମୟ ଭିତରେ ଉପଶମ ଦେଇଥାଏ । ପ୍ରାକୃତିକ ଭାବରେ ଶରୀର ପାଇଁ ହଳଦୀ ବହୁତ ଭଲ । ଏଥିରେ ଥିବା ଔଷଧୀୟ ଗୁଣ ସ୍ୱାସ୍ଥ୍ୟ ପାଇଁ ହିତକର । ତେବେ ଶରୀର ଦରଜ ଲାଗିଲେ, ଗଣ୍ଠିବାତ କିମ୍ବା ମାଡ଼ ହୋଇ ବିନ୍ଧାବିନ୍ଧି ହେଉଥିଲେ ସୋରିଷ ତେଲରେ ହଳଦୀ ଓ ରସୁଣକୁ ପକାଇ ଉଷୁମ କରନ୍ତୁ । ଏହି ତେଲକୁ ଦରଜ ସ୍ଥାନରେ ଲଗାଇଲେ ଆରାମ ଲାଗିବ । ଜାଣନ୍ତି କି ପାଣି ପିଇବା ଦ୍ୱାରା ମଧ ଦରଜରୁ ମୁକ୍ତି ମିଳିଥାଏ । ଏଥିପାଇଁ ସବୁବେଳେ ଅଧିକରୁ ଅଧିକ ପାଣି ପିଅନ୍ତୁ । ଋତୁସ୍ରାବ ସମୟରେ ମହିଳାମାନେ ଅଧିକ ପାଣି ପିଇବା ଦ୍ୱାରା ପେଟ ଦରଜରୁ ଆରାମ ଲାଗିଥାଏ । ଦାନ୍ତ ବିନ୍ଧୁଥିଲେ ଦରଜ ସ୍ଥାନରେ ଲବଙ୍ଗ ଜାକି ରଖନ୍ତୁ । ଏହାଦ୍ୱାରା ଆପଣଙ୍କୁ ଦରଜରୁ ମୁକ୍ତି ମିଳିବ ।

## ଉପକାରୀ ଲେମ୍ବୁପାଣି

ଲେମ୍ବୁପାଣିରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରିରହିଛି । ଲେମ୍ବୁପାଣିରେ ଭିଟାମିନ୍ 'ସି' ଏବଂ ଆଣ୍ଟିଅକ୍ସିଡାଣ୍ଟ ଭରି ରହିଛି । ଏହି ପାଣି ପିଇଲେ ତାହା ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ଅନେକାଂଶରେ ସହାୟକ ହୋଇଥାଏ । ଇନ୍‌ଫେକ୍‌ଶନ ସମସ୍ୟା ସହ ଜଡ଼ିତ କି ? ଯଦି ହଁ, ତେବେ ଲେମ୍ବୁପାଣି ପିଇଲେ ତାହା ଏଥିରୁ ଅନେକାଂଶର ଉପଶମ ଦେଇଥାଏ । ଉଚ୍ଚ ରକ୍ତଚାପକୁ ଏହି ପାଣି କେତେକାଂଶରେ ନିୟନ୍ତ୍ରଣକୁ ଆଣିଥାଏ । କେବଳ ସେତିକି ନୁହେଁ, ଯଦି ଆପଣଙ୍କୁ କ୍ଳାନ୍ତି ଲାଗୁଛି କିମ୍ବା ଚିନ୍ତିତ ଅଛନ୍ତି, ତେବେ ଲେମ୍ବୁପାଣି ପିଇଲେ ଆପଣଙ୍କୁ ଆରାମ ଲାଗିବ ।

ଲେମ୍ବୁପାଣିରେ ଭିଟାମିନ୍ 'ସି' ବ୍ୟତୀତ ସାଇଟ୍ରିକ୍ ଏସିଡ୍ ନାମକ ତତ୍ତ୍ୱ ରହିଛି । ଏହା ଅସ୍ଥିକୁ ମଜଭୁତ ହେବାରେ ସହାଯ୍ୟ କରିଥାଏ । ସବୁଠାରୁ ଖାସ୍ କଥା ହେଲା, ଆମ ଶରୀରରେ ଜଳୀୟ ଅଂଶ ସବୁବେଳେ ସନ୍ତୁଳିତ ରହିବା ନିହାତି ଦରକାର । ଏହି ପାଣି ଏପରି ଅଭାବକୁ ପୂରଣ କରିଥାଏ ।

## ବହୁରୋଗ ଲାଗି ବରଦାନ ତେଜପତ୍ର

ତେଜପତ୍ର କେବଳ ଖାଦ୍ୟର ସ୍ୱାଦ ବଢ଼ାଇ ନ ଥାଏ ବରଂ ଏହା ସ୍ୱାସ୍ଥ୍ୟ ପାଇଁ ମଧ ବରଦାନ ସଦୃଶ । ଖାଦ୍ୟପେୟରେ ସାଧାରଣତଃ ମସଲା ଭାବରେ ଉପଯୋଗ କରାଯାଉଥିବା ତେଜପତ୍ର ବିଭିନ୍ନ ପ୍ରକାର ରୋଗରୁ ସୁରକ୍ଷା ଦେଇଥାଏ । ତେଜପତ୍ରରେ ଆବଶ୍ୟକୀୟ ପୋଷକତତ୍ୱ ଓ ଖଣିଜ ରହିଥାଏ । ଏଥିରେ ଭିଟାମିନ୍ 'ଏ' ଓ ଭିଟାମିନ୍ 'ସି' ରହିଛି । ଔଷଧୀୟ ଗୁଣରେ ଭରପୁର ତେଜପତ୍ର କ୍ୟାନ୍ସର ପରି ଘାତକ ରୋଗରେ ମଧ ଲାଭଦାୟକ ହୋଇଥାଏ ।

ଭିଟାମିନ୍ ଏ ଓ ସି ମିଳିଥାଏ: ତେଜପତ୍ର ଖାଇବା ଦ୍ୱାରା ବହୁ ସ୍ୱାସ୍ଥ୍ୟ ଲାଭ ହୋଇଥାଏ । ଏଥିରେ ଭିଟାମିନ୍ ଏ ଓ ସି ସହିତ ଫୋଲିକ୍ ଏସିଡ ମଧ ରହିଛି । ଯଦି ଆପଣଙ୍କର ପେଟ ସମସ୍ୟା ରହିଛି ତେବେ ତେଜପତ୍ର ଆପଣଙ୍କ ପାଇଁ ବହୁତ ଲାଭଦାୟକ ହେବ । ଆପଣ ଏହାକୁ ପ୍ରତ୍ୟେହ ମସଲା ରୂପରେ ବ୍ୟବହାର କରନ୍ତୁ ।



ଅବସାଦ ଦୂର ହୋଇଥାଏ : ତେଜପତ୍ର ଖାଇବା ଦ୍ୱାରା ଅବସାଦ ଦୂର ହୋଇଥାଏ । ଏହା ଡାଇବେଟିସ୍ ରୋଗରେ ମଧ ଲାଭଦାୟକ ହୋଇଥାଏ । ଯେଉଁମାନେ ଟାଇପ୍ ୨ ଡାଇବେଟିସ୍ ରୋଗରେ ପୀଡିତ ସେମାନେ ତେଜପତ୍ର ନିୟମିତ ଖାଦ୍ୟରେ ସେବନ କରିବା ଉଚିତ । ଏହା ଖାଇବା ଦ୍ୱାରା ଶରୀରରେ ଗ୍ଲୁକୋଜ ସ୍ତର କମିଯିବ ଓ କୋଲେଷ୍ଟରଲ ମଧ ହ୍ରାସ ଘଟିବ ।

କୋଷ୍ଠକାଠିନ୍ୟ ସମସ୍ୟା : ଆପଣଙ୍କର କୋଷ୍ଠକାଠିନ୍ୟ କିମ୍ବା ଏସିଡିଟି ସମସ୍ୟା ଥିଲେ ତେଜପତ୍ର ଖାଆନ୍ତୁ । କିଛି ଦିନ ମଧରେ ଏହି ସମସ୍ୟା ଲାଘବ ହେବା ଅନୁଭବ କରିବେ । ଏକ ମସଲା ଭାବରେ ତେଜପତ୍ର ସ୍ୱାସ୍ଥ୍ୟ ପାଇଁ ସବୁ ଦୃଷ୍ଟିରୁ ଲାଭଦାୟକ । ପେଟରେ କୃମି ହୋଇଥିଲେ କିମ୍ବା କୋଷ୍ଠକାଠିନ୍ୟ ସମସ୍ୟାଥିଲେ ଏହା ଔଷଧ ପରି କାମ କରିଥାଏ ।

ଦୈନିକ ତେଜପତ୍ର ଖାଇବା ଦ୍ୱାରା ନିଦ ମଧଭଲ ହୋଇଥାଏ । ଆପଣ ପାଣିରେ ତେଜପତ୍ର ପକାଇ ପିଇ ପାରିବେ । କିଡନୀ ପାଇଁ ମଧ ଏହା ଲାଭଦାୟକ ହୋଇଥାଏ । ଏହା ଦାନ୍ତ ଲାଗି ମଧ ଉପକାରୀ । ଏଥିରେ ଥିବା ଭିଟାମିନ୍ 'ସି' ଦାନ୍ତ ଓ ମାଢ଼ିକୁ ସୁସ୍ଥ ରଖିବାରେ ସହାୟକ ହୁଏ । ଏହାର ଆଣ୍ଟି ଇନଫ୍ଲେମୋଟୋରୀ ଗୁଣ ରହିଥିବାରୁ ଏହା ଦାନ୍ତ ବିନ୍ଧା ସମୟରେ ମଧ କାମରେ ଆସିଥାଏ । କ୍ୟାନସର ପରି ଘାତକ ରୋଗ କ୍ଷେତ୍ରରେ ମଧ ଏହା ଲାଭଦାୟକ ହୋଇଥାଏ । କିନ୍ତୁ ଏହାର ଅଧିକ ଉପଯୋଗ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ ।

ଡାଇବେଟିସ୍ ଲାଗି ୩ ଗ୍ରାମ ତେଜପତ୍ର: ଟାଇପ୍ ୨ ଡାଇବେଟିସ୍ ରୋଗୀ ପ୍ରତିଦିନ ୩ ଗ୍ରାମ ପର୍ଯ୍ୟନ୍ତ ତେଜପତ୍ର ଖାଇବା ଉଚିତ । ଏହାଦ୍ୱାରା ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ସୁଧୁରି ଯିବ । ତେଜପତ୍ରରେ କପର, ପୋଟାସିୟମ, କ୍ୟାଲସିୟମ, ସେଲେନିୟମ ଓ ଆଇରନ୍ ରହିଛି । ସମସ୍ତ ପ୍ରକାର ପେଟ ସମସ୍ୟା କ୍ଷେତ୍ରରେ ତେଜପତ୍ର ବରଦାନ ସଦୃଶ ।

# ସ୍ୱର୍ବେଦ

**ଅକ୍ଷର କେ ପରକାଶ ମେଁ, ସତ୍ୟ-ପଥ ଦର୍ଶେ ଆୟ ।**
**ଅଭ୍ୟାସୀ ଗତି ଗଗନ ମେଁ, ନିଜ ଘର ପହୁଁଚେ ଜାୟ ॥୪୦॥**

ଭାଷ୍ୟ - ଅକ୍ଷରର ପ୍ରକାଶ ହେବା ଯୋଗୁଁ ଚେତନ ମଣ୍ଡଳର ସୂକ୍ଷ୍ମ ମାର୍ଗ ଦୃଶ୍ୟମାନ ହୋଇଥାଏ, ଯାହା ଦ୍ୱାରା ଯୋଗୀ ନିଜ ଯୋଗ-ବିଧି ବଳରେ ଚେତନ ଲୋକ ଅର୍ଥାତ୍ ପରମଧାମକୁ ବିଶୁଦ୍ଧ ଆକାଶରେ ପ୍ରାପ୍ତ କରିଥାଏ ।

**ନିଃଅକ୍ଷର ଦର୍ଶନ ମିଲେଁ, ଅକ୍ଷର କେ ପରକାଶ ।**
**ସୋ ଆଭା ଅକ୍ଷର ଛିପେ, ଶବ୍ଦ ଦିବ୍ୟ ପରକାଶ ॥୪୧॥**

ଭାଷ୍ୟ - ଅକ୍ଷରର ପ୍ରକାଶରେ ନିଃଅକ୍ଷରର ମାର୍ଗଦର୍ଶନ ହୋଇଥାଏ ଆଉ ନିଃଶବ୍ଦ ପରମ ଅକ୍ଷରଙ୍କର ଦିବ୍ୟ ପ୍ରକାଶ ପ୍ରକଟ ହେବା ଯୋଗୁଁ ଅକ୍ଷର ପ୍ରକାଶ ଲୁପ୍ତ ହୋଇଯାଏ । ବୃହତ୍ ପ୍ରକାଶ ଉଦୟ ହେବା ଦ୍ୱାରା ସମସ୍ତ କ୍ଷୁଦ୍ର ପ୍ରକାଶ ତହିଁରେ ଲୁକ୍କାୟିତ ହୋଇ ଯାଆନ୍ତି । ଯେମିତି ସୂର୍ଯ୍ୟ ଉଦୟ ହେଲେ ସମସ୍ତ ମାୟିକ ପ୍ରକାଶ ସେହି ପ୍ରକାଶ ମଧ୍ୟରେ ସମାବେଶିତ ହୋଇଯାଆନ୍ତି, ଠିକ୍ ସେମିତି ନିଃଅକ୍ଷରଙ୍କର ପ୍ରକାଶରେ ଅକ୍ଷରର ପ୍ରକାଶ ମଧ୍ୟ ସମାହିତ ହୋଇଯାଏ । ଏକମାତ୍ର ଦିବ୍ୟ ଚେତନ ପରଂବ୍ରହ୍ମଙ୍କର ପରମ ପ୍ରକାଶ ହିଁ ଦେଦୀପ୍ୟମାନ ରହିଥାଏ । ବିହଙ୍ଗମ ଯୋଗୀ ଅକ୍ଷର ଆଉ ନିଃଶବ୍ଦ-ପ୍ରକାଶର ଅନୁଭବ ଯୋଗ ସମାଧିରେ କରିଥାନ୍ତି, ଯାହାର ବର୍ଣ୍ଣନା ଗ୍ରନ୍ଥକାର କରିଛନ୍ତି । ନିଃଶବ୍ଦର ପ୍ରକାଶ ପ୍ରାପ୍ତ ହେବା ପରେ ହିଁ ଆତ୍ମାକୁ ଶାନ୍ତି ଆଉ ପରମାନନ୍ଦଙ୍କର ଉପଲବ୍ଧି ହୋଇଥାଏ । ଯୋଗର ପଞ୍ଚ ଭୂମିମାନଙ୍କର ସର୍ବଦ୍ରଷ୍ଟା ସହଜ ଯୋଗୀ ଏହି ଆଭ୍ୟନ୍ତର ଗୂଢ଼ ତତ୍ତ୍ୱ ଜ୍ଞାନକୁ ସ୍ପଷ୍ଟ ରୂପେ ବୁଝି ପାରିବେ ।

**କର୍ମନ କୀ ଅଜ୍ଞାନ କୀ, ଜଡ଼ ଚେତନ କୀ ଗ୍ରନ୍ଥି ।**
**ବନ୍ଧନ ମେଁ ସବ ଜୀୱ ହୈଁ, ତିନ ପ୍ରକାର କୀ ଗ୍ରନ୍ଥି ॥୪୨॥**

ଭାଷ୍ୟ - ଗ୍ରନ୍ଥି ଅଥବା ଗଣ୍ଠି ତିନି ପ୍ରକାରର ହୋଇଥାଏ । ପ୍ରଥମ ଗ୍ରନ୍ଥି ଅଜ୍ଞାନ ଅଟେ, ଯାହା ଜୀବାତ୍ମା ଭିତରେ ନିଜ ସ୍ୱରୂପର ଭ୍ରାନ୍ତିରୁ 'ଅହଂ ବ୍ରହ୍ମାସ୍ମି' ଭାବ ପ୍ରକଟ ହୋଇଥାଏ । ସେହି ସମୟରେ ଆତ୍ମା ଆଉ ଅହଂର ସମ୍ବନ୍ଧ ଅଜ୍ଞାନରୁ ହୋଇଥାଏ, ସେଥିପାଇଁ ଆତ୍ମାର ଭ୍ରମଯୁକ୍ତ ସତ୍ତା ହେବାରୁ, ତାହାକୁ ଅଜ୍ଞାନ ଗ୍ରନ୍ଥି କୁହାଯାଏ, କାହିଁକି ନା ଅଜ୍ଞାନ କାରଣରୁ ହିଁ ଜୀବ ନିଜକୁ ବ୍ରହ୍ମ ମନେକରି ପ୍ରକୃତି ଆଡ଼କୁ ଅଗ୍ରସର ହୁଏ । ନିଜ ଚେତନ ଶୁଦ୍ଧ ସ୍ୱରୂପକୁ ଭୁଲିଯିବା ହିଁ ଅଜ୍ଞାନ ଅଟେ । ତେଣୁ ଜୀବର ପ୍ରଥମ ବନ୍ଧନ ଅଜ୍ଞାନ ଅଟେ । ଦ୍ୱିତୀୟ ବନ୍ଧନ ଯାହାକୁ ଗ୍ରନ୍ଥି କହନ୍ତି, ତାହା ପ୍ରକୃତି ସହିତ ସମ୍ବନ୍ଧ ଅଟେ । ଜଡ଼ ପ୍ରକୃତି ଆଉ ଭ୍ରମଯୁକ୍ତ ଆତ୍ମା - ଏ ଦୁହିଁଙ୍କର ସମ୍ବନ୍ଧରୁ ହିଁ ପ୍ରକୃତି ପ୍ରବାହ ଆତ୍ମାକୁ ପ୍ରାପ୍ତ ହୋଇଥାଏ । ଏହା ଅଜ୍ଞାନର ଦ୍ୱିତୀୟ ଅବସ୍ଥା । ଏହି ଜଡ଼ ଚେତନ ସମ୍ବନ୍ଧକୁ ଜଡ଼ ଚେତନର ଗ୍ରନ୍ଥି କହନ୍ତି । ତୃତୀୟ ଗ୍ରନ୍ଥି, ଆତ୍ମାର ବନ୍ଧନ, କର୍ମର ଅଟେ । ଆତ୍ମା ଯେତେବେଳେ ଇନ୍ଦ୍ରିୟମାନଙ୍କ ଦ୍ୱାରା ଶୁଭ ଅଶୁଭ କର୍ମାଦି କରେ, ସେତେବେଳେ ତାହାକୁ ଦୁଃଖ ଏବଂ ସୁଖ ଉଭୟର ପ୍ରାପ୍ତି ହୋଇଥାଏ । ସେ ନିଜର ମାୟାଜନିତ କର୍ମଗୁଡ଼ିକର ଫଳ ଭୋଗ କରିବାରେ ପରାଧୀନ ରହିଥାଏ । ସେ ବିବଶ ହୋଇ ନିଜ ଇନ୍ଦ୍ରିୟମାନଙ୍କ ଦ୍ୱାରା କୃତ କର୍ମର ଫଳ ଭୋଗିଥାଏ । ଜୀବର କର୍ମ ପ୍ରବାହ ବନ୍ଦ ହୋଇ ନ ଥାଏ, ସେଥିପାଇଁ ଆତ୍ମାର କର୍ମ ବନ୍ଧନ ହେବା ଯୋଗୁଁ ଏହାକୁ ତୃତୀୟ ପ୍ରକାର ଗ୍ରନ୍ଥି ବୋଲି କୁହାଯାଇଛି । କର୍ମ ହିଁ ଜୀବକୁ ବନ୍ଧନରେ ରଖିଥାଏ ଏବଂ ସମସ୍ତ ସୃଷ୍ଟି କର୍ମର ଗ୍ରନ୍ଥିରେ ବାନ୍ଧି ହୋଇ ରହିଛି । କର୍ମର ଜାଲରେ ପଡ଼ି ଅନାଦି କାଳରୁ ଜୀବ ଅତ୍ୟନ୍ତ କଷ୍ଟ ଭୋଗ କରୁଛି । କର୍ମର ସମୂହ ଏତେ ବିଶାଳ ହୋଇଯାଇଛି, ଯାହା କବଳରୁ ଜୀବର ମୁକ୍ତି ଅସମ୍ଭବ । ଅତଏବ ଜୀବର ବନ୍ଧନ କର୍ମର ଅଟେ ଆଉ ସେହି ଜୀବାତ୍ମାକୁ ବାରମ୍ବାର ଜନ୍ମ ମରଣର ଚକ୍ରରେ ପକାଇ ଦୁଃଖ-ସୁଖର ଉପଭୋଗ କରାଏ । ସେଥିପାଇଁ ଏହି ତୃତୀୟ ଗ୍ରନ୍ଥି ଜୀବାତ୍ମାର କର୍ମଫଳ ଅଟେ । ଏ ତିନି ଗ୍ରନ୍ଥିର ବନ୍ଧନରୁ ମୁକ୍ତି ପାଇବା ନିମନ୍ତେ କ'ଣ କରିବା ଉଚିତ ସେ ବିଷୟରେ ପରବର୍ତ୍ତୀ ଦୋହାରେ କୁହାଯାଇଛି ।

**ତୀନୋଁ ଗ୍ରନ୍ଥି ନିବୃତ୍ତି କୀ, ସଦ୍‌ଗୁରୁ ଶରଣ ଉପାୟ ।**
**ସହଜ ଯୋଗ ତତ୍ତ୍ୱ ଜ୍ଞାନ ହୈ, ସେୱା ଧର୍ମ ସହାୟ ॥୪୩॥**

ଭାଷ୍ୟ - ସେହି ତିନି ଗ୍ରନ୍ଥିମାନଙ୍କ ଠାରୁ ମୁକ୍ତିର ଉପାୟ ସଦ୍‌ଗୁରୁଙ୍କର ଶରଣ ଅଟେ । ସଦ୍‌ଗୁରୁଙ୍କର ଶରଣରେ ହିଁ ରହି ତାଙ୍କର ସେବା କରି ବିହଙ୍ଗମ ଯୋଗର ତତ୍ତ୍ୱଜ୍ଞାନ ସାଧନ ଦ୍ୱାରା ଜୀବାତ୍ମାର ସମସ୍ତ ମାୟାଜନିତ ବନ୍ଧନ ଛିଣ୍ଡିଯାଏ ।

**ଶବଦନ ମାହିଁ ଶବ୍ଦ ହୈ, ଜ୍ୟୋତିନ ମାହିଁ ଜ୍ୟୋତି ।**
**ଜଗମଗ ଜଗମଗ ହୋ ରହା, ହୀରା ମୋତିନ ଜ୍ୟୋତି ॥୪୪॥**

ଭାଷ୍ୟ - ପ୍ରାକୃତିକ ସମସ୍ତ ଶବ୍ଦଗୁଡ଼ିକର ଆଧାର ସାରଶବ୍ଦ ଅଟନ୍ତି । ନାଦ, ବିନ୍ଦ ଏବଂ ଅନହଦ ସମସ୍ତ କ୍ଷର ଶବ୍ଦ ଆଉ ଜ୍ୟୋତି ଭିତରେ ସେହି ବିମଳ ପ୍ରକାଶ ଆଲୋକିତ ହେଉଅଛି, ଯେଉଁ ପ୍ରକାର ସମସ୍ତ ରତ୍ନମାନଙ୍କ ମଧ୍ୟରେ ହୀରା ଆଉ ମୋତିର ଜ୍ୟୋତି ଅଧିକ ପ୍ରଖର ହୋଇଥାଏ । ସମସ୍ତ ନବରତ୍ନଗୁଡ଼ିକର ପ୍ରକାଶ ମଧ୍ୟରେ ହୀରାର ଅଧିକ ପ୍ରକାଶ ଦୃଷ୍ଟିଗୋଚର ହୋଇଥାଏ । ସେହି ପ୍ରକାର ସମସ୍ତ ମାୟିକ ଶବ୍ଦ ଆଉ ଜ୍ୟୋତିମାନଙ୍କ ଭିତରେ ସାରଶବ୍ଦର ବିମଳ ପ୍ରକାଶ ସଦୈବ ଦେଦୀପ୍ୟମାନ ହେଉଅଛି । ଏହି ଅଦ୍ଭୁତ ପ୍ରକାଶ ସମସ୍ତ ମାୟିକ




ପ୍ରକାଶମାନଙ୍କ ଠାରୁ ଭିନ୍ନ ଆଉ ସୂକ୍ଷ୍ମ ଅଟେ ଏବଂ ସମସ୍ତ ଶବ୍ଦ ପ୍ରକାଶମାନଙ୍କର ପ୍ରକାଶ ଅଟେ । ଏହି ପଦରେ ବ୍ରହ୍ମ ପ୍ରକାଶର ଉପମା ହୀରା ଆଉ ମୋତିର ପ୍ରକାଶରେ ଦିଆଯାଇଛି । ସଂସାର ଜ୍ଞାନ ନିମନ୍ତେ ସଂସାରୀ ପଦାର୍ଥଗୁଡ଼ିକର ଉପମା ଦେଇ ହିଁ କୌଣସି ଅବ୍ୟକ୍ତ ବସ୍ତୁର ଜ୍ଞାନ ଉପଦେଶ କରାଯାଇ ପାରିବ । ବାସ୍ତବରେ ପରଂବ୍ରହ୍ମ ଅନୁପମ, ଅଦ୍ୱିତୀୟ, ସର୍ବେଶ୍ୱର, ସର୍ବାଧାର ଏବଂ ସ୍ୱୟମ୍ଭୂ ଅଟନ୍ତି ।

**ଶୀତଲ ଶଶି କୀ ଜ୍ୟୋତି ମେଁ, ମାନୋ ଉଗେ ଭାନ ।**
**ଅକଥ ଅଲୌକିକ ରୂପ ହୈ, ଅନୁଭୱ ମେଁ ପହିଚାନ ॥୪୫॥**

ଭାଷ୍ୟ - ଚନ୍ଦ୍ରମାର ଶୀତଳ ପ୍ରକାଶରେ ସୂର୍ଯ୍ୟଙ୍କର ଉଦୟ ହେବା ପରି ନିଃଶବ୍ଦ ଚେତନ ମହାମଣ୍ଡଳରେ ସହଜ ଶାନ୍ତି ଏବଂ ଶୀତଳ ପ୍ରକାଶ ଉଦୟ ହୋଇଥାଏ, ଯାହାକୁ ବାଣୀରେ ପ୍ରକାଶ କରିହେବ ନାହିଁ । ସେହି ଅଲୌକିକ ସ୍ୱରୂପରେ ବିହଙ୍ଗମ ଯୋଗର ଅନ୍ତିମ ଭୂମିରେ ଯୋଗୀଜନ ପ୍ରତ୍ୟକ୍ଷ ଅନୁଭବ କରିଥାନ୍ତି । ଏହି ପରମ ତତ୍ତ୍ୱକୁ ପ୍ରାପ୍ତ କରି ଆତ୍ମାରେ ସହଜ ଶାନ୍ତି ଏବଂ ଅମୃତ ପରମାନନ୍ଦ ପ୍ରାପ୍ତ ହୋଇଥାଏ ଯେଉଁଥିରୁ ଯୋଗୀ ମଧୁମାନ ହୋଇ ପୂର୍ଣ୍ଣାନନ୍ଦରେ ନିମଗ୍ନ ହୋଇ ଯାଆନ୍ତି ।

**ସଦ୍‌ଗୁରୁ ସୁକୃତ ଦେୱ ଜୀ, ଖାରୀ ପ୍ରକଟେ ଆୟ ।**
**ଚଂଚଲ ମନ ଅୱିଚଲ କିୟା, ସଂଶୟ ଦୂର ବହାୟ ॥୪୬॥**

ଭାଷ୍ୟ - ନିତ୍ୟ ଅନାଦି ସଦ୍‌ଗୁରୁ ଖାରୀ ଗ୍ରାମରେ ପ୍ରକଟ ହୋଇ ସମସ୍ତ ସଂଶୟ ନାଶ କରି ଚଂଚଳ ମନକୁ ସ୍ଥିର କଲେ । ସମ୍ବତ୍ ୧୯୭୦ ବିକ୍ରମୀ ଫାଲ୍‌ଗୁନ କୃଷ୍ଣ ପକ୍ଷରେ ବୃତ୍ତିକୂଟ ଆଶ୍ରମ ନିକଟସ୍ଥ ଖାରୀ ଗ୍ରାମରେ ନିତ୍ୟ ଅନାଦି ସଦ୍‌ଗୁରୁଦେବ ପ୍ରକଟ ହୋଇଥିଲେ । ସେହି ସମୟରେ ସ୍ୱର୍ବେଦର ରଚୟିତା ଯୋଗୀରାଜ ସଦ୍‌ଗୁରୁ ସଦାଫଳଦେବ ଜୀ ମହାରାଜ ନିଜ ଗୁହା ଅନୁଷ୍ଠାନ କାଳରେ ବୃତ୍ତିକୂଟ ଆଶ୍ରମରେ ଥିଲେ । ଯୋଗର ବିଶେଷ ଅବସ୍ଥାରେ ସଦ୍‌ଗୁରୁ ବିନା ଦିବ୍ୟ ପ୍ରକାଶର ପ୍ରାପ୍ତି ହୋଇ ନ ଥାଏ । ସଦ୍‌ଗୁରୁ ଦେବ ନିଜ ଯୋଗ-ନିଷ୍ଠାର ଏମିତି ହିଁ ସ୍ଥିତିରେ ପଡ଼ି ବ୍ୟାକୁଳ ଥିଲେ । ସଦ୍‌ଗୁରୁ ସୁକୃତ ଦେବ ପ୍ରଥମେ ବୃତ୍ତିକୂଟ ଆଶ୍ରମରେ ଦର୍ଶନ ଦେଇ ନିଜ ସହଜ କୃପାଦୃଷ୍ଟି ଦ୍ୱାରା ବ୍ରହ୍ମବିଦ୍ୟାର ବିମଳ ପ୍ରକାଶ ପ୍ରଦାନ କରି ଖାରୀରେ ଯାଇ ସଦ୍‌ଗୁରୁ ସଦାଫଳଦେବଜୀଙ୍କର ସ୍ୱରୂପରେ ହିଁ ପ୍ରକଟିତ ହେଲେ । ସେହି ସମୟରେ ଗ୍ରନ୍ଥକାର ସଦ୍‌ଗୁରୁ ଦେବଙ୍କର ସମସ୍ତ ସଂଶୟ ନଷ୍ଟ ହେବା ପରେ ଚଂଚଳ ମନ ସ୍ଥିର ହୋଇ ନିଜ ଚେତନ ପ୍ରକାଶକୁ ପ୍ରାପ୍ତ ହେଲେ । ସୁକୃତଦେବ ପ୍ରକଟ ହେବାର ମହତ୍ତ୍ୱ ବର୍ଣ୍ଣନା ଅପୂର୍ବ ଅଟେ କିନ୍ତୁ ସବୁଠାରୁ ବଡ଼ ବିଶେଷତ୍ୱ ନିତ୍ୟ ଅନାଦି ସୁକୃତ ଦେବଙ୍କର ଏଥିପାଇଁ ଅଟେ ଯେ ଯୋଗୀରାଜ ସଦ୍‌ଗୁରୁ ସଦାଫଳଦେବ ଜୀ ମହାରାଜଙ୍କର ସ୍ୱରୂପରେ ହିଁ ଖାରୀ ଗ୍ରାମରେ ପ୍ରକଟ ହୋଇଛନ୍ତି । ଏହାର ବିଶେଷ ବର୍ଣ୍ଣନା ଗ୍ରନ୍ଥକାରଙ୍କର ଦିବ୍ୟ ଜୀବନ କଥା ନାମକ ଗ୍ରନ୍ଥରେ ମୁଁ ପୂର୍ଣ୍ଣ ରୂପରେ କରିଛି । ଏହାକୁ ଜାଣିଥିବା ଜାଜ୍ଞାସୁ ତାହାକୁ ଦେଖି ନିଜ ଅଭିଳାଷା ପୂର୍ଣ୍ଣ କରନ୍ତୁ । ଗ୍ରନ୍ଥକାର ନିତ୍ୟ ଅନାଦି ସଦ୍‌ଗୁରୁଙ୍କର ପ୍ରକଟ ଦର୍ଶନ ପାଇ ନିଜ ସଂଶୟର ନିବୃତ୍ତି ହେବାର ଚର୍ଚ୍ଚା ଏହି ପଦରେ କରିଛନ୍ତି ।

**ସନ୍ତ ରୂପ ସଦ୍‌ଗୁରୁ ମିଲେଁ, ଶବ୍ଦ କେ ଦ୍ୱାର ଲଖାୟ ।**
**ମୈଁ ବାଲକ ନାସମଝ ଥା, ମହିମା ସମଝ ନ ପାୟ ॥୪୭॥**

ଭାଷ୍ୟ - ସନ୍ତ ସ୍ୱରୂପରେ ନିତ୍ୟ ଅନାଦି ସଦ୍‌ଗୁରୁ ଦେବ ପ୍ରକଟ ହୋଇ ଶବ୍ଦର ଦ୍ୱାରକୁ ପ୍ରତ୍ୟକ୍ଷ ଦର୍ଶନ କରାଇଲେ । ଗ୍ରନ୍ଥକାର ସଦ୍‌ଗୁରୁ ନିଜ ବାଲ୍ୟକାଳରେ ଅଜ୍ଞ ସ୍ୱଭାବ ହେତୁ ଆଦି ଗୁରୁଙ୍କର ମହିମାକୁ ବୁଝିପାରିଲେ ନାହିଁ । ଏହି ପଦରେ ଗ୍ରନ୍ଥକାର ସ୍ପଷ୍ଟ ରୂପରେ ନିତ୍ୟ ଅନାଦି ସଦ୍‌ଗୁରୁଙ୍କ ଦ୍ୱାରା ଶବ୍ଦାଲୋକ ଚେତନ ଦ୍ୱାରର ପ୍ରାପ୍ତି ବିଷୟରେ ଆଲୋଚନା କରିଛନ୍ତି । ଏଥିରୁ ସ୍ପଷ୍ଟ ହୁଏ ଯେ ଆପଣଙ୍କୁ ବ୍ରହ୍ମବିଦ୍ୟାର ପୂର୍ଣ୍ଣଜ୍ଞାନ ନିତ୍ୟ ଅନାଦି ସଦ୍‌ଗୁରୁଙ୍କ ଠାରୁ ହିଁ ପ୍ରାପ୍ତ ହୋଇଛି । ଆପଣଙ୍କର ପ୍ରାକୃତିକ କୌଣସି ବ୍ୟକ୍ତି ଗୁରୁ ହୋଇ ନ ପାରନ୍ତି, ସେଥିପାଇଁ ନିତ୍ୟ ଅନାଦି ସଦ୍‌ଗୁରୁଙ୍କର ଛତ୍ରଛାୟାରେ ହିଁ ଆପଣଙ୍କୁ ବ୍ରହ୍ମବିଦ୍ୟାର ବାହ୍ୟାନ୍ତର ସମସ୍ତ ତତ୍ତ୍ୱଗୁଡ଼ିକର ବୋଧ ଏବଂ ପରମ ଶାନ୍ତି ପ୍ରାପ୍ତି ହୋଇଛି । ଏହା ଏହି ଦୋହାର ସ୍ପଷ୍ଟ ଭାବ ଅଟେ ।

**ବୃତ୍ତିକୂଟ ମମ ଧାମ ପର, ସଦ୍‌ଗୁରୁ ଦର୍ଶନ ଦୀନ ।**
**ମୈଁ ଅଜ୍ଞାନ ଅବୋଧ ମେଁ, ଚରଣ ପକଡ଼ି ନହିଁ ଲୀନ ॥୪୮॥**

ଭାଷ୍ୟ - ବୃତ୍ତିକୂଟ ଆଶ୍ରମରେ ଯୋଗ ସମାଧି ଗୁହା ଅନୁଷ୍ଠାନ କାଳରେ ସଦ୍‌ଗୁରୁ ସଦାଫଳଦେବ ଜୀ ମହାରାଜଙ୍କୁ ନିତ୍ୟ ଅନାଦି ସଦ୍‌ଗୁରୁ ଦେବ ଦର୍ଶନ ଦେଲେ କିନ୍ତୁ ସେ ତାଙ୍କର ପ୍ରକଟ ଦର୍ଶନ ହେବା ପରେ ମଧ୍ୟ ତାଙ୍କୁ ଚିହ୍ନି ପାରିବାର ଅବସ୍ଥାରେ ନ ଥିବା କାରଣରୁ ତାଙ୍କର ଚରଣ ସ୍ପର୍ଶ କରିପାରିଲେ ନାହିଁ । ନିତ୍ୟ ଅନାଦି ସଦ୍‌ଗୁରୁଙ୍କର ଦର୍ଶନ କୌଣସି ବିଶେଷ ସ୍ଥିତିରେ ହିଁ ହୋଇଥାଏ । ନିତ୍ୟ ଅନାଦି ସଦ୍‌ଗୁରୁଙ୍କର ଏହା ପ୍ରକଟ ଦର୍ଶନ ଅଟେ, ଯାହାର ବର୍ଣ୍ଣନା ଏହି ଦୋହାରେ କରାଯାଇଛି । ଏମିତିରେ ତ ଅବ୍ୟକ୍ତ ସ୍ୱରୂପରେ ସଦ୍‌ଗୁରୁଙ୍କର ଦିବ୍ୟବାଣୀ ସମୟ ଅନୁସାରେ ସଦ୍‌ଗୁରୁ ଅନନ୍ୟ ଶରଣ ଭକ୍ତମାନଙ୍କୁ ସର୍ବଦା ହୋଇଥାଏ । ସଦ୍‌ଗୁରୁଙ୍କର ଦୟାରୁ ହିଁ ଆତ୍ମାକୁ ଆଧ୍ୟାତ୍ମର ସମସ୍ତ ତତ୍ତ୍ୱ ପ୍ରତ୍ୟକ୍ଷ ହୋଇଥାଏ । ବ୍ରହ୍ମବିଦ୍ୟାର ମାର୍ତ୍ତଣ୍ଡ ନିତ୍ୟ ଅନାଦି ସଦ୍‌ଗୁରୁ ଅଟନ୍ତି ।

**ମୂର୍ଦ୍ଧନ ମେଁ ମନ ସୁରତି ହୈ, ଶୁଦ୍ଧ ସୁରତି ଧ୍ୟୋ ଧାମ ।**
**ଅଗମ ଅଗୋଚର ପନ୍ଥ ମେଁ, ନିରତି ନିରନ୍ତର ନାମ ॥୪୯॥**

ଭାଷ୍ୟ - ଯୋଗର ପାଞ୍ଚଟି ଭୂମି ଅଛି । ଆତ୍ମାର ଶକ୍ତି ପ୍ରକୃତି ସହିତ ଲାଗି ରହିଛି । ଯେତେବେଳେ ଯୋଗାଭ୍ୟାସୀ ବିହଙ୍ଗମ ଯୋଗର ମାର୍ଗ ଦ୍ୱାରା ନିଜ ଚେତନ ଶକ୍ତିକୁ ଗୁରୁ କେନ୍ଦ୍ରରେ ସ୍ଥିର କରେ, ସେତେବେଳେ ପ୍ରକୃତିର ସମସ୍ତ ସମ୍ବନ୍ଧ ଧୀରେ ଧୀରେ ଛାଡ଼ି ଯିବାରେ ଲାଗେ ଆଉ ଆତ୍ମା ଶୁଦ୍ଧ, ପବିତ୍ର ପୂର୍ବକ ନିଜ ଚେତନ ବିକାଶରୁ ଉର୍ଦ୍ଧ୍ୱ ଗତି ହୋଇ ନିରନ୍ତର ପରମାନନ୍ଦଙ୍କର ଉପଭୋଗ କରେ । ମନ ଆଉ ସୁରତି ଦୁହେଁ ଏକତ୍ର ଯୋଗର ତୃତୀୟ ଭୂମିରେ ରହିଥାନ୍ତି । ଯେତେବେଳେ ଯୋଗର ଚତୁର୍ଥ ଅବସ୍ଥା ଦିବ୍ୟଧାମର ପ୍ରାପ୍ତି ହୋଇଯାଏ, ସେତେବେଳେ ଆତ୍ମାର ଚେତନ ସୁରତି ନିଜ ଶୁଦ୍ଧ ସ୍ୱରୂପରେ ସାରଶବ୍ଦ ପରମ ପୁରୁଷଙ୍କ ଠାରେ ତନ୍ମୟ ତଦାକାର ହୋଇ ନିରନ୍ତର ଆନନ୍ଦ ଉପଭୋଗ କରିବାରେ ଲାଗେ । ଶୁଦ୍ଧ ସୁରତିରୁ ହିଁ ପ୍ରଭୁଙ୍କର ଭଜନ ହୋଇଥାଏ ଆଉ ଯେତେବେଳେ ସୁରତି ନିରତିର ସ୍ୱରୂପ ହୋଇ ଅନ୍ତିମ ଅବସ୍ଥାକୁ ପ୍ରାପ୍ତ ହୁଏ, ସେତେବେଳେ ଯୋଗୀ ନିଜ ବିଶେଷ ଶକ୍ତିରୁ ସଦୈବ ପରମାନନ୍ଦଙ୍କ ଠାରେ ନିମଗ୍ନ ହୋଇଯାନ୍ତି । ପ୍ରଭୁଙ୍କର ଭଜନ ପ୍ରକୃତି ପାର ଆତ୍ମାର ଶୁଦ୍ଧ ବିକାଶ ହେବାରୁ ହିଁ ହୋଇଥାଏ । ମନ, ପ୍ରାଣ ଅବା କୌଣସି ପ୍ରାକୃତିକ ସାଧନରୁ ପ୍ରଭୁଙ୍କର ଭଜନ ହୋଇ ନ ଥାଏ । ଚେତନ ସହ ଚେତନର ସମ୍ବନ୍ଧ ହିଁ ବାସ୍ତବିକ ଭଜନ ଅଟେ ଏବଂ ଶୁଦ୍ଧ ରୂପରେ ଆତ୍ମାରେ ଆସିବା ପରେ ସ୍ୱାଭାବିକ ତଥା ସହଜ ରୂପରେ ଭଜନ ହୋଇଥାଏ । ସାଧନା କରାଯାଏ, କିନ୍ତୁ ଭଜନ ନିଜେ ନିଜେ ଶୁଦ୍ଧ ରୂପରେ ହୋଇଥାଏ । ଏହା ପ୍ରଭୁଙ୍କର ପ୍ରକୃତ ଭକ୍ତି ଏବଂ ଆତ୍ମାର ବାସ୍ତବିକ ଆନନ୍ଦ ଅଟେ । ଏହା ଯୋଗର ବିଶିଷ୍ଟ ଅବସ୍ଥା ଅଟେ ଯେଉଁଥିରେ ନିଜ ଆଉ ଶବ୍ଦାନନ୍ଦ ଅତିରିକ୍ତ ଅନ୍ୟ କୌଣସି ସତ୍ତା କିମ୍ବା ତାହାର କ୍ରିୟା ନାହିଁ । ସେଥିପାଇଁ ପ୍ରଭୁଙ୍କର ଭଜନ ଆତ୍ମାରୁ ହୋଇଥାଏ, ପ୍ରକୃତିର ଜଡ଼ କରଣରୁ ନୁହେଁ ।

## ସାଗୁଦାନାର ଉପକାରିତା

ପେଟକୁ ଥଣ୍ଡା କରିବା ପାଇଁ ସାଗୁ ଖୁବ୍ ଲାଭଦାୟକ । ଏଥିରେ ପ୍ରଚୁର ପରିମାଣର ପୋଷକ ତତ୍ତ୍ୱ ଭରି ରହିଛି । ପିଲାଠାରୁ ଆରମ୍ଭ କରି ବଡ଼ ପର୍ଯ୍ୟନ୍ତ ସମସ୍ତେ ସାଗୁ ଖାଇଥାନ୍ତି । ଏହା କେବଳ ପେଟ୍ ଥଣ୍ଡାକରେ ତାହାନୁହେଁ ତ୍ୱଚା ପାଇଁ ମଧ ଖୁବ୍ ଭଲ ।

ପୂର୍ବରୁ ପିଲା ଖାଦ୍ୟ ରୂପେ ଶାଗୁ ଦାନାକୁ ବ୍ୟବହାର କରାଯାଉଥିଲା । ଏଥିପାଇଁ ମା' ମାନେ ସାଗୁ ଭାଜି ଚକିରେ ପେଶି ଗାଈ କ୍ଷୀର, ଚିନି ପକାଇ ଆଉଟି ଶିଶୁଙ୍କୁ ଖାଇବାକୁ ଦେଉଥିଲେ ।

ପିଲା ହୁଅନ୍ତୁ କି ବଡ଼ ପେଟ ଖରାପ ହୋଇ ଝାଡା ହେଉଥିଲେ ସାଗୁ ଓ କଦଳୀ ଖାଇବାକୁ ଦିଆଯାଇଥାଏ । ଏହା ପେଟକୁ ଥଣ୍ଡା କରିବା ସହିତ ତରଳ ଝାଡାକୁ କଣ୍ଟ୍ରୋଲ କରିଥାଏ ।

ସାଗୁରେ ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତ କରାଯାଇଥାଏ । ଆଜିକାଲି ପ୍ରାୟ ସ୍ନାକ୍ସ ଓ ଲୁଣି ଖାଦ୍ୟ ବା ପାମ୍ପଡ ଆଦି ସାଗୁରେ ତିଆରି କରାଯାଉଛି ।

ସାଗୁ ଦାନା ପ୍ରସ୍ତୁତ ଗୋଲଫିଙ୍ଗର ପିଲାଙ୍କ ପ୍ରିୟ ସ୍ନାକ୍ସ ।

ଶାଗୁ ମଣ୍ଡ ପ୍ରସ୍ତୁତ କରି ସୂତା



ଲୁଗାରେ ଦିଆଯାଇଥାଏ । ତ୍ୱଚା ପାଇଁ ଶାଗୁ ଖୁବ୍ ଉପକାରୀ, ଏହା ତ୍ୱଚାର ଡାର୍କ ସର୍କଲ ଓ ଅଣ୍ଡରଆର୍ମ୍ସରେ ଥିବା କଳା ଦାଗରୁ ମୁକ୍ତି ଦେଇଥାଏ । ଏଥିପାଇଁ ସାଗୁ ବାଟି ଏଥିରେ ଅଳ୍ପ ଦହି ଓ ହଳଦୀ ପାଉଡର ମିଶାଇ ପ୍ୟାକ ପ୍ରସ୍ତୁତ କରନ୍ତୁ । ଏବେ ଏହି ପ୍ୟାକକୁ ଅଣ୍ଡରଆର୍ମ୍ସର ଡାର୍କ ସ୍ଥାନରେ ୧ ଘଣ୍ଟା କାଳ ଲଗାଇ ରଖି ସଫା ପାଣିରେ ଧୋଇ ଦିଅନ୍ତୁ, ଏମିତି ସପ୍ତାହକୁ ଦୁଇ ତିନି ଥର କରନ୍ତୁ । କିଛି ଦିନ ଭିତରେ ଆପଣଙ୍କ ଅଣ୍ଡରଆର୍ମରୁ ଡାର୍କନେସ କେଉଁଆଡେ ଉଭେଇ ଯିବ ।

ମୁହଁରେ କଳା ବ୍ରଣ ହୋଇଥିଲେ ସାଗୁ ଦାନାକୁ ବାଟି ଏଥିରେ ଅଳ୍ପ ରୋଜ ୱାଟର ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ ଏହାକୁ ତ୍ୱଚାରେ ଲଗାଇବାର ଅଧା ଘଣ୍ଟା ପରେ ମୁହଁକୁ ସଫା କରି ଦିଅନ୍ତୁ । ଏଥିରେ ଅଳ୍ପ ଦିନ ଭିତରେ ମୁଖ ବ୍ରଣ ଦୂର ହୋଇଯିବ ।

ଅଏଲି ଓ ଡ୍ରାଏ ସ୍କିନ୍ ହୋଇଥିଲେ ସାଗୁ ଦାନକୁ ବାଟି ଏଥିରେ ଲେମ୍ବୁ ରସ ମିଶାଇ ପ୍ୟାକ ପ୍ରସ୍ତୁତ କରି ଏହାକୁ ମୁହଁରେ ଲଗାଇବାର ୧୫ ମିନିଟ ପରେ ସଫା ପାଣିରେ ମୁହଁକୁ ଧୋଇ ଦିଅନ୍ତୁ ସବୁଠିକ୍ ହୋଇଯିବ ।

ଯଦି ଆପଣ ଡ୍ରାଏସ୍କିନ ଯୋଗୁଁ ଚିନ୍ତାରେ ପଡିଛନ୍ତି ତେବେ ସାଗୁକୁ ବାଟି, ଏଥିରେ ମଲାଇ ମିଶ୍ରଣ କରନ୍ତୁ । ଏହି ପ୍ୟାକ୍ ତ୍ୱଚାର ଡ୍ରାଏନେସ ଦୂର କରିଦେବ । ଯଦି ସ୍କିନ୍ ଅଧିକ ଡ୍ରାଏ ରହିଛି ତେବେ ଏହାକୁ ତିନିଥର ଲଗାନ୍ତୁ । କିଛିଦିନ ଭିତରେ ତ୍ୱଚାର ଡ୍ରାଏନେସ ଦୂର ହୋଇଯିବ ।

## ସ୍ୱାସ୍ଥ୍ୟବର୍ଦ୍ଧକ ମହୁ

ମହୁର ସ୍ୱାଦ କାହାକୁ ଭଲ ନ ଲାଗେ । ପିଲାଠୁ ବୁଢ଼ା ସମସ୍ତଙ୍କର ଏହା ପ୍ରିୟ । ସ୍ୱାଦ ଯେମିତି, ଗୁଣ ବି ସେମିତି । ଆୟୁର୍ବେଦ ଅନୁସାରେ ଏହା ଅମୃତତୁଲ୍ୟ । ଏହା ରୋଗ ପ୍ରତିରୋଧକ ଏବଂ ସ୍ୱାସ୍ଥ୍ୟବର୍ଦ୍ଧକ । ଏହାର ନିୟମିତ ସେବନ ବିଭିନ୍ନ ରୋଗରୁ ରକ୍ଷା କରିବା ସହ ଶରୀରକୁ ସୁସ୍ଥ ଓ ନୀରୋଗ ରଖେ ।

ଓଜନ କମାଇବାରେ ଏହା ଅମୋଘ ଅସ୍ତ୍ର । ସକାଳେ ଖାଲି ପେଟରେ ଏବଂ ରାତିରେ ଶୋଇବା ପୂର୍ବରୁ ଗୋଟିଏ ଗ୍ଲାସ ଉଷୁମ ପାଣି ସହ ଗୋଟିଏ ଚାମଚ ଲେମ୍ବୁ ରସ ଓ ଗୋଟିଏ ଚାମଚ ମହୁ ମିଶାଇ ପିଇଲେ ଓଜନ ହ୍ରାସ ପାଏ ।

ସର୍ଦ୍ଦି ଓ କାଶ ହେଉଥିଲେ ଦୁଇ ଚାମଚ ମହୁ ସହ ଦୁଇ ଚାମଚ କ୍ଷୀର ପିଅନ୍ତୁ । ଶର୍କରା ହ୍ରାସ କରିବା ପାଇଁ ମଧୁମେହ ରୋଗୀ ମଧ ଏହାକୁ



ବ୍ୟବହାର କରିପାରିବେ । ଗୋଟିଏ ଚାମଚ ମହୁ ସହିତ ୩ ଚାମଚ ତୁଳସୀ, ଲିମ୍ବପତ୍ର ରସ ଓ ଦହି ମିଶାଇ ସକାଳେ ଖାଲି ପେଟରେ ପିଇଲେ ଶର୍କରା ହ୍ରାସ ପାଏ ।

ମହୁ କଟା ଓ ପୋଡା ଘା' ପାଇଁ ମଧ ହିତକର । ପ୍ରଥମେ ଉକ୍ତ ସ୍ଥାନକୁ ସଫା ପାଣିରେ ଭଲକରି ଧୋଇ ଦିଅନ୍ତୁ । କିଛି ମହୁ ନେଇ ସେଠାରେ ଲଗାଇ ତା' ଉପରେ ଖଣ୍ଡିଏ ସଫା କନା ଭଲକରି ବାନ୍ଧି ଦିଅନ୍ତୁ । ୫/୬ ଘଣ୍ଟା ପରେ ପୁଣି ସେମିତି କରନ୍ତୁ । ଏହିପରି ୪/୫ ଥର କରନ୍ତୁ । ଉପଶମ ମିଳିବ ।

## ଔଷଧ ପରି କାମକରେ କୋଳାଏ ରସୁଣ

ରସୁଣ ସମସ୍ତଙ୍କ ରୋଷେଇ ଘରେ ନିଶ୍ଚୟ ଥିବ । କିନ୍ତୁ ଏହାର ଔଷଧୀୟ ଗୁଣ ବିଷୟରେ ଆପଣ କେତେ ଜାଣନ୍ତି ? ୧୦୦ ଗ୍ରାମ୍ ରସୁଣରୁ ପ୍ରାୟ ୧୫୦ କ୍ୟାଲୋରି ମିଳିଥାଏ । ରସୁଣ ଭିଟାମିନ୍ ବି-୧, ବି-୨, ବି-୩, ବି-୬, ଫଲେଟ୍, ଭିଟାମିନ୍ ସି, କ୍ୟାଲସିୟମ୍, ଲୌହ, ମ୍ୟାଗନେସିୟମ, ମାଙ୍ଗାନିଜ, ପୋଟାସିୟମ, ସୋଡିୟମ ଓ ଦସ୍ତାରେ ସମୃଦ୍ଧ । ରକ୍ତ ଶୋଧକ : ତ୍ୱଚାରେ ବ୍ରଣ ବାହାରୁ ଥିଲେ ରକ୍ତକୁ ପରିଷ୍କାର କରିବା ପାଇଁ ନିୟମିତ ସକାଳେ ଓ ସନ୍ଧ୍ୟାରେ ୨ କୋଳା ରସୁଣ ଖାଇ ହାଲକା ଗରମ ପାଣି ପିଅନ୍ତୁ । ସାରା ଦିନ ଭରପୂର ପାଣି ପିଇବାକୁ ଭୁଲନ୍ତୁ ନାହିଁ । ରସୁଣ ପେଟକୁ ସଫା କରିବା ସହ ବିଷାକ୍ତ ପଦାର୍ଥକୁ ବାହାରକୁ ବାହାର କରିଥାଏ ।

ଥଣ୍ଡା ଓ ଫ୍ଲୁ : ନିୟମିତ ୨/୩ଟି କଞ୍ଚା ରସୁଣ ଖାଇବା ଦ୍ୱାରା ଥଣ୍ଡା ଓ ଫ୍ଲୁରୁ



ରକ୍ଷା ପାଇ ପାରିବେ । ତା' ସହିତ ରୋଗ ପ୍ରତିରୋଧକ ଶକ୍ତିକୁ ମଧ ବଢ଼ାଇଥାଏ ।

ହୃଦଘାତରୁ ରକ୍ଷା କରେ : ନିୟମିତ ରସୁଣ ଖାଇବା ଦ୍ୱାରା ଏଲିସିନର ଆଣ୍ଟି ଅକ୍ସିଡାଣ୍ଟ ଗୁଣ ଯୋଗୁଁ କୋଲୋଷ୍ଟରଲ ସ୍ତର କମ୍ ରହିଥାଏ । ଏଥି ସହିତ ରକ୍ତଚାପ ଓ ରକ୍ତ ଶର୍କରା ସ୍ତର ମଧ ନିୟନ୍ତ୍ରିତ ରହେ ।

ରସୁଣ ଫଙ୍ଗାଲ ସଂକ୍ରମଣରୁ ରକ୍ଷା କରିଥାଏ, ତା' ସହ ଏଗଜିମାରୁ ମଧ । ରସୁଣ ତ୍ୱଚାକୁ ଲୋଚାକଚା ହେବାର ରକ୍ଷା କରିଥାଏ ।

## ଆପଣ ଜାଣନ୍ତି କି ?

- ପ୍ରଥମେ ବିଭିନ୍ନଗଛର କାଠିକୁ ବ୍ରଶ୍ ବା ଦାନ୍ତକାଠି ଭାବେ ବ୍ୟବହାର କରାଯାଉଥିଲା । ଏସୀୟମାନେ ପ୍ରଥମେ ବ୍ରଶ ପ୍ରସ୍ତୁତ କରିଥିଲେ । ମୁଖ୍ୟତଃ ଚାଇନାରେ ଏହା ଟାଙ୍ଗ୍ ରାଜବଂଶ (୬୧୯-୯୦୭) ସମୟରେ ପ୍ରସ୍ତୁତ କରାଯାଇଥିଲା ।
- ଆଦିମ ଇଜିପ୍ଟବାସୀ କାଠିରେ ପତ୍ର ଲଗାଇ ଏହାକୁ ଟୁଥବ୍ରଶ୍ ଭାବେ ବ୍ୟବହାର କରୁଥିଲେ ।
- ଇଂଲଣ୍ଡର ୱିଲିଅମ୍ ଏଡିସ୍ ନାମକ ଜଣେ ବ୍ୟକ୍ତି କୌଣସି ଅପରାଧ ଲାଗି ଜେଲରେ ଥିବା ସମୟରେ ପାଟି ସଫା ରଖିବା ପାଇଁ ମାଂସ ତରକାରିରୁ ଏକ ହାଡ଼ କାଢ଼ି ସେଥିରେ କଣା କରି କିଛି ସୂତା ଲଗାଇ ବ୍ରଶ୍ ପ୍ରସ୍ତୁତ କରିଥିଲେ । ଜେଲରୁ ବାହାରିବା ପରେ ୧୭୭୬ରେ ଏହି ପ୍ରଣାଳୀ ବ୍ୟବହାର କରି ଅନେକ ବ୍ରଶ ବିକି ଧନୀ ହୋଇ ପାରିଥିଲେ । ସେବେଠୁ ବ୍ରଶ୍ ବ୍ୟବହାର ବଢ଼ିବା ଆରମ୍ଭ ହେଲା ।
- ୧୯୦୦ ମସିହା ପୂର୍ବରୁ ଟୁଥବ୍ରଶ୍ ସାଇବେରିଆନ୍ ହଗ୍ (ଅଣ୍ଡିରା ଘୁଷୁରି) ବାଳରେ ପ୍ରସ୍ତୁତ ହେଉଥିଲା । ୧୯୩୮ ରେ ପ୍ରଥମେ ନାଇଲନ୍ ସୂତା ବା ବ୍ରିଷ୍ଟଲ ବ୍ୟବହାର ହୋଇଥିବା ଟୁଥବ୍ରଶ୍ ପ୍ରସ୍ତୁତ କରାଗଲା । ଏହାପରେ ଓରାଲ୍ ବି କମ୍ପାନୀ ନରମ ଦାନ୍ତ ବା ସୂତାଥିବା ଟୁଥବ୍ରଶ ପ୍ରସ୍ତୁତ କଲା ।
- ପ୍ରଥମ ଇଲେକ୍ଟ୍ରିକ୍ ଟୁଥବ୍ରଶ୍ ବ୍ରୋକ୍ସୋଡେଣ୍ଟ ୧୯୫୪ ରେ ସ୍ୱିଜରଲାଣ୍ଡରେ ଆବିଷ୍କାର ହୋଇଥିଲା ।
- ପୃଥିବୀର ସବୁଠୁ ଦାମୀ ଟୁଥବ୍ରଶର ମୂଲ୍ୟ ୪,୦୦୦ ଆମେରିକାନ ଡଲାର । ଏହାକୁ ପ୍ରସ୍ତୁତ କରିବା ଲାଗି ଟିଟାନିୟମ ବ୍ୟବହାର କରାଯାଇଥିଲା ।

## କହିପାରିବେ କି ?

୧) ବିଶ୍ୱ ଡାକ ଦିବସ କେବେ ପାଳନ କରାଯାଏ ?
(୨) ବାଂଲାଦେଶର ଯମୁନା ନଦୀ ଭାରତରେ କେଉଁ ନଦୀ ନାମରେ ଜଣାଯାଏ ?
(୩) ବାପ୍ପବଶ୍ରୀ ପୁରସ୍କାର ଭାରତର କେଉଁ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଏ ?
(୪) ଜ୍ଞାନ ଭାରତୀ ରିଜର୍ଭ ଭାରତର କେଉଁ ରାଜ୍ୟରେ ଅଛି ?
(୫) 'ଦ୍ୟାଟ୍ ଲଙ୍ଗ୍ ସାଇଲେନ୍ସ' ପୁସ୍ତକର ଲେଖକ କିଏ ?
(୬) ତାଳଧ୍ୱଜ ରଥରେ ବଳଭଦ୍ରଙ୍କ ସହ କେଉଁ ଦେବତା ବିଜେ କରନ୍ତି । ?
(୭) ଭାରତରେ ପ୍ରଥମ ମହିଳା ଟ୍ୱେଣ୍ଟି-୨୦ ମ୍ୟାଚ୍ କେବେ ଆୟୋଜିତ ହୋଇଥିଲା ?
(୮) ଜୈନ ଧର୍ମରେ ସର୍ବମୋଟ୍ କେତେଜଣ ତୀର୍ଥଙ୍କର ଥିଲେ ?
(୯) କେଉଁ ଦେଶର ସମ୍ବିଧାନରୁ ଭାରତୀୟ ସମ୍ବିଧାନରେ ସ୍ଥାନ ପାଇଥିବା ମୌଳିକ ଅଧିକାର ବିଷୟ ସ୍ଥାନ ପାଇଛି ?
(୧୦) ରାମାୟଣରେ ରାମ-ରାବଣ ଯୁଦ୍ଧ କେତେ ଦିନ ଧରି ଚାଲିଥିଲା ?

### JUMBLE WORDS

| | | | |
|---|---|---|---|
| 1) NEKLE | = | 6) RBUTL | = |
| 2) ARPEO | = | 7) LNEEFN | = |
| 3) YIRDHB | = | 8) ZLRAID | = |
| 4) RAWCOD | = | 9) TINYU | = |
| 5) ULDFI | = | 10) RLIGL | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧.ତେଲେଙ୍ଗାନା, ୨.ମୁଜିବୁର୍ ରେହମାନ, ୩.ଚମ୍ବଲ, ୪.ବନାରସ ଘରାନା, ୫.ସୋଡ଼ିୟମ୍ ବାଇକାର୍ବୋନେଟ୍, ୬. ରାଜୀବ ଗାନ୍ଧୀ, ୭. ମଣିପୁର, ୮.ଫେବୃଆରୀ -୨, ୯. ମଧ ପ୍ରଦେଶ, ୧୦.ଗାଣ୍ଡିବ ।

***Jumble Words*** **ର ଉତ୍ତର :-**

(1) POUCH (2) TRENDY (3) EMBARK (4) FLEET (5) ABATE (6) UPDATE (7) SCRIPT (8) IGLOO (9) WRECK (10) CRAFTY.

# ସଦ୍‌ଗୃହସ୍ଥର ସାମର୍ଥ୍ୟ

ମହାଭାରତ ଯୁଦ୍ଧ ପରେ ଧର୍ମରାଜ ଯୁଧିଷ୍ଠିର ଅଶ୍ୱମେଧ ଯଜ୍ଞ କଲେ । ଯଜ୍ଞର ଅଶ୍ୱକୁ ଛଡ଼ାଗଲା ଏବଂ ତା'ର ରକ୍ଷା ନିମନ୍ତେ ଏକ ବଡ଼ ସୈନ୍ୟବାହିନୀ ଓ ଶୂରବୀରଙ୍କ ସହିତ ଧନୁର୍ଦ୍ଧର ଅର୍ଜୁନ ମଧ ତା' ପଛେ ପଛେ ଚାଲିଲେ । ଯଜ୍ଞର ଅଶ୍ୱ ଅନେକ ଦେଶ ବୁଲିଲା, କିନ୍ତୁ ଅର୍ଜୁନଙ୍କ ସଂରକ୍ଷଣରେ ବିଚରଣ କରୁଥିବା ଧର୍ମରାଜଙ୍କର ସେହି ଯଜ୍ଞ ଅଶ୍ୱକୁ ଧରିବାର କଳ୍ପନା କରିବା ପାଇଁ କାହାର ବି ସାହସ ହେଲା ନାହିଁ । ଅଶ୍ୱ ସ୍ୱଚ୍ଛନ୍ଦ ଗତିରେ ବୁଲାବୁଲି କରି ଚମ୍ପକପୁରୀ ରାଜ୍ୟର ସୀମାରେ ଯାଇ ପହଞ୍ଚିଲା । ସୀମାରେ ମୁତୟନ ହୋଇଥିବା ସୈନିକମାନଙ୍କର ଏକ ଦଳ ତାକୁ ଦେଖିଲେ ଓ ନିକଟକୁ ଯାଇ ତାକୁ ଚିହ୍ନିଲେ । ସେନାପତିଙ୍କ ମାଧମରେ ଏହି ଅବୈଧ ଅନୁପ୍ରବେଶର ସୂଚନା ତତ୍କାଳ ମହାରାଜ ହଂସଧ୍ୱଜଙ୍କ ସମକ୍ଷରେ ତାଙ୍କ ରାଜ ଦରବାର ରେ ପହଞ୍ଚି ଗଲା । ସେଠାରେ ଉପସ୍ଥିତ ରାଜପୁରୋହିତ ଶଙ୍ଖ ଓ ଲିକ୍ଷିତଙ୍କ ସମେତ ସମସ୍ତ ରାଜକୁମାର ସମ, ସୁଦର୍ଶନ, ସୁରଥ, ସୁବଳ ଓ ସୁଧନ୍ୱା ମଧ ଏହା ଶୁଣିଲେ । କିଛି ବିଚାର କରି ମହାରାଜ ଏ ସମ୍ବନ୍ଧରେ ରାଜପୁରୋହିତ ଶଙ୍ଖ ଓ ଲିଖିତଙ୍କୁ ଯଥୋଚିତ କାର୍ଯ୍ୟାନୁଷ୍ଠାନ ହେତୁ ନିଜ ନିଜର ପରାମର୍ଶ ଦେବାକୁ କହିଲେ । ପାଣ୍ଡବମାନଙ୍କ ସାମର୍ଥ୍ୟ ସହିତ ଉତ୍ତମ ରୂପେ ପରିଚିତ ରାଜପୁରୋହିତ ଶଙ୍ଖ ଓ ଲିଖିତ ସେମାନଙ୍କର ଏହି ଧର୍ମ ଅଭିଯାନରେ ବାଧା ଦେବା ଏବଂ ପରିଣାମ ସ୍ୱରୂପ ନିଜ ରାଜ୍ୟକୁ ବିପତ୍ତିରେ ପକାଇ ଦେବା ପକ୍ଷରେ ନ ଥିଲେ, ଏଣୁ ମହାରାଜଙ୍କୁ ସେମାନେ ଅଶ୍ୱକୁ କୌଣସି ବାଧା ନ ଦେଇ ସ୍ୱଚ୍ଛନ୍ଦରେ ବିଚରଣ କରିବାକୁ ଛାଡ଼ିଦେବାର ପରାମର୍ଶ ଦେଲେ ।

ହଂସଧ୍ୱଜ କିଛି ନିର୍ଣ୍ଣୟ ନେବା ପୂର୍ବରୁ ପୁତ୍ରମାନଙ୍କ ଉପରେ ତାଙ୍କର ଦୃଷ୍ଟି ପଡ଼ିଲା । ସେମାନେ ସବୁ କୌଣସି ଦ୍ୱନ୍ଦ୍ୱରେ ଥିଲେ । ଭଗବାନ ନାରାୟଣଙ୍କ ଅନନ୍ୟ ଭକ୍ତ ସମସ୍ତ ରାଜକୁମାରଙ୍କୁ ଲୀଳାପୁରୁଷୋତ୍ତମ ଭଗବାନ ଶ୍ରୀକୃଷ୍ଣଙ୍କ ଦର୍ଶନ ଲାଭହେତୁ ଏହା ସୁବର୍ଣ୍ଣସୁଯୋଗ ପ୍ରତୀତ ହେଲା । ସେମାନେ ସମସ୍ତେ ମନେ ମନେ ଯୋଜନା କଲେ ଯେ ଯଜ୍ଞ ଅଶ୍ୱକୁ ଧରିଲେ ପାଣ୍ଡବମାନଙ୍କ ଧର୍ମ ଅଭିଯାନରେ ବାଧା ଉତ୍ପନ୍ନ କରିବାର ଫଳସ୍ୱରୂପ ସେମାନଙ୍କ ସହିତ ଯୁଦ୍ଧ ସୁନିଶ୍ଚିତ ହୋଇଯିବ । ପାଣ୍ଡବଙ୍କ ପକ୍ଷରୁ ଅଶ୍ୱର ରକ୍ଷା କରିବାକୁ ଆସିଥିବା ଅର୍ଜୁନଙ୍କୁ ପରାସ୍ତ ହେବାର ଦେଖିଲେ ତାଙ୍କର ରକ୍ଷା ହେତୁ ଭଗବାନ ଶ୍ରୀକୃଷ୍ଣ ଅବଶ୍ୟ ସେଠାରେ ଆସି ପହଞ୍ଚେ ।

ନିଜର ଏହି ଯୋଜନା ବିଷୟରେ କାହାରିକୁ ନ ଜଣାଇ ରାଜକୁମାର ମାନେ ରାଜପୁରୋହିତ ଶଙ୍ଖ ଓ ଲିଖିତଙ୍କ ପରାମର୍ଶର ଠିକ୍ ବିପରୀତ ଅଶ୍ୱକୁ ଧରିବା ଏବଂ ଯୁଦ୍ଧର ପ୍ରସ୍ତୁତି କରିବାକୁ ଅଧିକ ଉପଯୁକ୍ତ କହିଲେ । ଦୁଇ ବିରୋଧୀ ମତ ହଂସଧ୍ୱଜଙ୍କୁ ଅସମଞ୍ଜସରେ ପକାଇ ଦେଲା । କ୍ଷତ୍ରିୟ ଧର୍ମ ନିର୍ବାହ ହେତୁ ରାଜକୁମାର ମାନେ ହଂସଧ୍ୱଜଙ୍କୁ ବିବଶ କରିଦେଲେ । ଏ ଉପରେ ରାଜପୁରୋହିତ ଶଙ୍ଖ ମହାରାଜ ହଂସଧ୍ୱଜଙ୍କ ସମକ୍ଷରେ ରାଜକୁମାରମାନଙ୍କ ପ୍ରତି କଟାକ୍ଷ କରି କହିଲେ- 'ମହାରାଜ ! ମୋତେ ଆମର ଯୋଦ୍ଧାମାନଙ୍କ ବୀରତା ଉପରେ ତିଳେ ମାତ୍ର ସନ୍ଦେହ ନାହିଁ, ସର୍ତ୍ତ ହେଉଛି ଯେ ସେମାନେ ସମସ୍ତେ ଯଥା ସମୟରେ ଯୁଦ୍ଧରେ ନିଜର ସହଭାଗିତା ସୁନିଶ୍ଚିତ କରିବାର ପ୍ରତିଶ୍ରୁତି ଦିଅନ୍ତୁ ।'' ମହାରାଜ ହଂସଧ୍ୱଜଙ୍କୁ ରାଜପୁରୋହିତ ଶଙ୍ଖଙ୍କର ଏହି କଥା ଗୁରୁତ୍ୱପୂର୍ଣ୍ଣ ମନେହେଲା, ଏଣୁ ରାଜ୍ୟର ସୁରକ୍ଷା ପ୍ରତି ଧ୍ୟାନ ରଖି ସେ ରାଜପୁରୋହିତ ଶଙ୍ଖ ଓ ଲିଖିତଙ୍କୁ ଯୁଦ୍ଧର ନିୟମ ମୁତାବକ କୌଣସି ପ୍ରକାର ରାଜକୀୟ ଆଦେଶର ଅବଜ୍ଞାକାରୀ ପାଇଁ ସମୁଚିତ ଦଣ୍ଡର ବ୍ୟବସ୍ଥା ସ୍ଥିର କରିବାର ନିର୍ଦ୍ଦେଶ ଦେଲେ । ହଂସଧ୍ୱଜଙ୍କ ବିରୁଦ୍ଧରେ ନିଆଯାଇଥିବା ଏହି ବଡ଼ ନିଷ୍ପତ୍ତି ଓ ଏହାର ଫଳସ୍ୱରୂପ ମିଳିବାକୁ ଥିବା ପରିଣାମ ପ୍ରତି ଧ୍ୟାନ ରଖି ରାଜ୍ୟରେ ଘୋଷଣା କରିଦିଆଗଲା ଯେ ଏହି ବିଷମ ପରିସ୍ଥିତିରେ ରାଜ୍ୟର ରକ୍ଷା ନିମନ୍ତେ ଯେଉଁ ସୈନିକ, ସେନାପତି ବା ରାଜକୁମାର ଭୋର ହେବା ମାତ୍ରେ ଯଥାସମୟରେ ରଣଭୂମିରେ ନ ପହଞ୍ଚିବ, ତାକୁ ଦଣ୍ଡସ୍ୱରୂପ ଗରମ ତେଲ କଡ଼େଇରେ ପକାଇ ଦିଆଯିବ ।

ଏଭଳି କଠୋର ଶାସନାଦେଶକୁ ଶୁଣି ଯୋଦ୍ଧାମାନେ ନିର୍ଦ୍ଦିଷ୍ଟ ସମୟରେ ଯୁଦ୍ଧ ସ୍ଥଳରେ ପହଞ୍ଚିବା ପାଇଁ ବ୍ୟଗ୍ର ହୋଇଗଲେ ଭଗବାନଙ୍କ ପରମ ଭକ୍ତ, ମହାନ୍ ଶୂରବୀର ଓ ସଦ୍‌ଗୃହସ୍ଥ ସୁଧନ୍ୱା ମଧ ଯୁଦ୍ଧ ପାଇଁ ପ୍ରସ୍ତୁତ ହୋଇଗଲେ ସେ ଯୁଦ୍ଧ ପୂର୍ବରୁ ସର୍ବପ୍ରଥମେ ଅନ୍ତଃପୁରରେ ଭଗବାନଙ୍କୁ ଭାବପୂର୍ଣ୍ଣ ପ୍ରାର୍ଥନା କରିବା ପାଇଁ ଗଲେ, କିନ୍ତୁ ସେଠାରେ ଏହି ଉପକ୍ରମ କରିବା ଯୋଗୁଁ କିଛି ସମୟ ବିଳମ୍ବ ହୋଇଗଲା, ଏଣୁ ସେ ନିର୍ଦ୍ଧାରିତ ସମୟରେ ରଣଭୂମିରେ ପହଞ୍ଚି ପାରିଲେ ନାହିଁ । ମହାରାଜ ହଂସଧ୍ୱଜ ରାଜପୁରୋହିତଙ୍କୁ ଯୁଦ୍ଧର ବ୍ୟବସ୍ଥା ସମ୍ପର୍କରେ ପଚାରିଲେ । ରାଜପୁରୋହିତ କହିଲେ- ''ମହାରାଜ ! ଆଦେଶ ସମସ୍ତଙ୍କ ପାଇଁ ସମାନ ଥିଲା, ଏଣୁ ଯୁଦ୍ଧସ୍ଥଳକୁ ବିଳମ୍ବରେ ଆସିଥିବା ହେତୁ ରାଜକୁମାର ସୁଧନ୍ୱାଙ୍କୁ ରାଜଦଣ୍ଡ ଅନୁସାରେ ଉତ୍ତପ୍ତ ତେଲ କଡ଼େଇ ମଧକୁ ପ୍ରବେଶ କରିବାକୁ ହେବ ।''

ଶାସନର ଆଦେଶକୁ ସହର୍ଷ ଶିରୋଧାର୍ଯ୍ୟ କରି ଭକ୍ତ ସୁଧନ୍ୱା ଭଗବାନଙ୍କ ନାମ ନେଇ ଗରମ ତେଲ ମଧକୁ ଡେଇଁ ପଡ଼ିଲେ, କିନ୍ତୁ ଭଗବାନଙ୍କ କୃପାରୁ ତାଙ୍କର ସାମାନ୍ୟ ମାତ୍ର କ୍ଷତି ହେଲା ନାହିଁ । ଏହି ବିଲକ୍ଷଣ ଘଟଣାର ସାକ୍ଷୀ ଥିବା ଦଣ୍ଡ ଆୟୋଜକମାନଙ୍କୁ ସନ୍ଦେହ ହେଲା ଏବଂ ସେମାନେ ଭାବିଲେ ରାଜା ପୁତ୍ରର ରକ୍ଷା ନିମନ୍ତେ ଅବଶ୍ୟ କିଛି ଚାଲାଖି କରିଥିବେ । ଏଣୁ ତେଲର ଉଷ୍ଣତା ମାପିବା ପାଇଁ ଗୋଟିଏ ନଡ଼ିଆକୁ ସେଇ କଡ଼େଇ ମଧରେ ପକାଗଲା । ନଡ଼ିଆଟି ଗରମ ତେଲ ସଂସ୍ପର୍ଶରେ ଆସିବା ମାତ୍ରେ ବଡ଼ ଜୋରରେ ଫାଟିଗଲା ଏବଂ ତାହାର ଏକ ଖଣ୍ଡ ରାଜପୁରୋହିତ ଶଙ୍ଖ ଓ ଅନ୍ୟ ଖଣ୍ଡଟି ମୁନି ଲିଖିତଙ୍କ ମସ୍ତକରେ ଯାଇ ବାଜିଲା । ସେଠାରେ ଉପସ୍ଥିତ ଥିବା ଲୋକେ ଭଗବଦ୍ ଭକ୍ତ ସୁଧନ୍ୱାଙ୍କ ଭକ୍ତିର ମହିମା ବୁଝି ପାରିଲେ । ସୁଧନ୍ୱା ସମସ୍ତଙ୍କୁ ଅଭିବାଦନ କଲେ ଓ ତତ୍କାଳ ଯୁଦ୍ଧ ପାଇଁ ପ୍ରସ୍ଥାନ କଲେ । ଯୁଦ୍ଧରେ ହଂସଧ୍ୱଜଙ୍କ ସମସ୍ତ କୁମାର ପାଣ୍ଡବ ପକ୍ଷର ଅନେକ ଯୋଦ୍ଧାଙ୍କୁ ପରାସ୍ତ କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଦେଲେ । ଶେଷରେ ସ୍ୱୟଂ ଅର୍ଜୁନ ଯୁଦ୍ଧ ପାଇଁ ଆଗକୁ ଆସିଲେ । ସୁଧନ୍ୱା ମହାଯୋଦ୍ଧା ଅର୍ଜୁନଙ୍କ ସହିତ ଏପରି ଘନଘୋର ଯୁଦ୍ଧ କଲେ ଯେ ଅର୍ଜୁନ ହଇରାଣ ହୋଇଗଲେ । ଯୁଦ୍ଧର ବିକରାଳତା ବଢ଼ି ଚାଲିଥିଲା ଓ ନିର୍ଣ୍ଣାୟକ ସ୍ଥିତି ଆସୁ ନ ଥିଲା । ମହାରଥୀ ଅର୍ଜୁନ ମଧ ସୁଧନ୍ୱାଙ୍କ ଠାରୁ ଏଭଳି ପରାକ୍ରମର କଳ୍ପନା କରି ନ ଥିଲେ । ଅର୍ଜୁନଙ୍କ ପରମ ସଖା ଭଗବାନ ଶ୍ରୀକୃଷ୍ଣଙ୍କ ଦର୍ଶନ ହେତୁ ନିଜର ସବୁ ଭାଇଙ୍କର ଥିବା ମନକାମନା ପୂରଣ ପାଇଁ ସୁଧନ୍ୱା ଅର୍ଜୁନଙ୍କୁ ମାଧମ କଲେ ଏବଂ ତାଙ୍କୁ ଉତ୍ତେଜିତ କରିବା ପାଇଁ କହିଲେ- ''ହେ ଧନୁର୍ଦ୍ଧର ! ଆପଣ ଯଦି ରକ୍ଷା ପାଇବାକୁ ଚାହାନ୍ତି ତ ନିଜର ସାରଥି ଜନାର୍ଦ୍ଦନଙ୍କୁ ଡାକନ୍ତୁ ।''

କିଂକର୍ତ୍ତବ୍ୟବିମୂଢ଼ ଅର୍ଜୁନ ମନେ ମନେ ମାଧବଙ୍କୁ ସ୍ମରଣ କଲେ । ସର୍ବାନ୍ତର୍ଯାମୀ ପ୍ରଭୁ ଭକ୍ତର ଡାକ ଶୁଣିବା ମାତ୍ରେ ତତ୍‌କ୍ଷଣ ସେଠାରେ ଆସି ପହଞ୍ଚିଲେ ଏବଂ ଅର୍ଜୁନଙ୍କ ରଥରେ ବସିଗଲେ । ଭଗବାନ ଶ୍ରୀକୃଷ୍ଣଙ୍କୁ ନିଜ ସମକ୍ଷରେ ପାଇ ଅର୍ଜୁନଙ୍କ ପ୍ରସନ୍ନତାର ସୀମା ରହିଲା ନାହିଁ । ଭକ୍ତ ସୁଧନ୍ୱାଙ୍କ ସମେତ ସମସ୍ତ କୁମାର ମଧ ଏହା ଦେଖି ନିଜ ନିଜର ଶସ୍ତ୍ର ଛାଡ଼ି ଦୌଡ଼ିଲେ ଓ ଭଗବାନଙ୍କ ଚରଣ ବନ୍ଦନା କଲେ । ଭଗବାନ ଶ୍ରୀକୃଷ୍ଣଙ୍କ ଦର୍ଶନର ଲାଳସା ପାଇଁ ହିଁ ସେମାନେ ଏହି ଯୋଜନା କରିଥିଲେ । ସେହି ପୀତପଟଧାରୀ ଘନଶ୍ୟାମଙ୍କ ଦର୍ଶନ କରି ସମସ୍ତେ କୃତାର୍ଥ ହୋଇଗଲେ ।

ଭଗବାନ ଶ୍ରୀକୃଷ୍ଣଙ୍କ ସଂରକ୍ଷଣ ପାଇଁ ସବଳ ହୋଇଥିବା ଅର୍ଜୁନ ସୁଧନ୍ୱାଙ୍କୁ ଯୁଦ୍ଧ ପାଇଁ ପୁନଃ ଆହ୍ୱାନ ଦେଇ କହିଲେ- ''ନବଯୁବକ ! କ୍ଷତ୍ରିୟ ବୀର ହୋଇ ଯୁଦ୍ଧରୁ ବିମୁଖ କାହିଁକି ହେଉଛ ? ଆଗକୁ ଆସ ! ଏବଂ ମୋ ସହିତ ଯୁଦ୍ଧ କର, ମୁଁ ପ୍ରତିଜ୍ଞା କରୁଛି ଯେ ତିନିଟି ବାଣରେ ହିଁ ଯଦି ତୁମର ମୁଣ୍ଡ ଶରୀର ଠାରୁ ଅଲଗା କରି ନ ଦେବି ତେବେ ମୋର ସମ୍ପୂର୍ଣ୍ଣ କୁଳ ନରକଗାମୀ ହେବ ।

ସୁଧନ୍ୱା ମଧ ଆହ୍ୱାନ ସ୍ୱୀକାର କରି ଆଗକୁ ବଢ଼ି କହିଲେ- ''ବୀରବର ! ଆପଣ ଏତେ ବଡ଼ ବଡ଼ କଥା କାହିଁକି କହୁଛନ୍ତି ? ମୁଁ ମଧ ପ୍ରତିଜ୍ଞା କରୁଛି ଯେ ଆପଣଙ୍କର ତିନିଟିଯାକ ବାଣକୁ ଯଦି କାଟି ଫିଙ୍ଗି ନ ଦେବି ତେବେ ମୋତେ ମଧ ସଦ୍‌ଗତି ପ୍ରାପ୍ତ ହେବ ନାହିଁ । ଉଭୟ ଭଗବାନଙ୍କ ପରମ ଭକ୍ତ ଥିଲେ, ଭଗବାନଙ୍କୁ ଉଭୟଙ୍କ ପଣ ରଖିବାର ଥିଲା । ଜୀବନ-ମରଣର ପ୍ରସଙ୍ଗ ସାମନାରେ ଉପସ୍ଥିତ ହେବାରୁ ଭଗବାନ ଶ୍ରୀକୃଷ୍ଣଙ୍କୁ ଅର୍ଜୁନଙ୍କ ସହାୟତା କରିବାକୁ ପଡ଼ିଲା । ସେ ହାତରେ ଜଳ ନେଇ ସଂକଳ୍ପ କଲେ ଯେ ଗୋବର୍ଦ୍ଧନ ଉଠାଇବା ବା ବ୍ରଜର ରକ୍ଷା କରିବାର ପୁଣ୍ୟକୁ ମୁଁ ଅର୍ଜୁନଙ୍କ ବାଣ ସହିତ ଯୋଡୁଛି । ଅର୍ଜୁନଙ୍କ ଦ୍ୱାରା ସନ୍ଧାନ କରାଯାଇଥିବା ଆଗ୍ନେୟାସ୍ତ୍ର ଆହୁରି ପ୍ରଚଣ୍ଡ ହୋଇଗଲା, ଯାହାକୁ କାଟିବାର ସାଧାରଣ ଉପଚାର କମ୍ ମନେ ହେଉଥିଲା, ତେଣୁ ସଦ୍‌ଗୃହସ୍ଥ ସୁଧନ୍ୱା ମଧ ସଂକଳ୍ପ କଲେ ଯେ ଏକ ପତ୍ନୀବ୍ରତ ପାଳନର ମୋର ପୁଣ୍ୟ ମୋର ଏଇ ଅସ୍ତ୍ର ସହିତ ଯୋଡ଼ି ହୋଇଯାଉ ।

ଦୁଇ ଅସ୍ତ୍ର ଆକାଶ ମାର୍ଗରେ ଚାଲିଲା । ଦୁହେଁ ପରସ୍ପରର ଅସ୍ତ୍ରକୁ ମଝିରେ କାଟିବାର ପ୍ରୟତ୍ନ କଲେ । ଅର୍ଜୁନଙ୍କ ଅସ୍ତ୍ର କଟିଗଲା ଓ ସୁଧନ୍ୱାଙ୍କ ବାଣ ଆଗକୁ ବଢ଼ିଲା, କିନ୍ତୁ ଲକ୍ଷ୍ୟଚ୍ୟୁତ ହୋଇଗଲା । ଦ୍ୱିତୀୟ ଅସ୍ତ୍ର ଉଠାଗଲା । ଏଥର ଭଗବାନ କୃଷ୍ଣ ନିଜର ପୁଣ୍ୟ ଅର୍ଜୁନଙ୍କ ବାଣ ସହିତ ଯୋଡ଼ି କହିଲେ- ''କୁମ୍ଭୀର କବଳରୁ ଗଜକୁ ରକ୍ଷା କରିବା ଓ ଦ୍ରୌପଦୀଙ୍କ ଲାଜ ରଖିବାର ମୋର ପୁଣ୍ୟ ଅର୍ଜୁନଙ୍କର ଏହି ବାଣ ସହିତ ଯୋଡ଼ି ହେଉ ।

ଅନ୍ୟ ପକ୍ଷରେ ସଦାଚାରୀ ସୁଧନ୍ୱା ମଧ ସେପରି କଲେ ଓ କହିଲେ- ମୁଁ ନୀତିପୂର୍ବକ ଉପାର୍ଜନ କରିଛି ଓ ଚରିତ୍ରର କୌଣସି ପକ୍ଷରେ ତ୍ରୁଟି କରି ନାହିଁ, ତେଣୁ ସେହି ପୁଣ୍ୟ ମୋର ଏହି ଅସ୍ତ୍ର ସହିତ ଯୋଡ଼ି ହେଉ । ଏଥର ମଧ ଦୁହିଁଙ୍କ ଅସ୍ତ୍ର ଆକାଶରେ ଯାଇ ଧକ୍କା ହେଲା ଓ ସୁଧନ୍ୱାଙ୍କ ବାଣରେ ଅର୍ଜୁନଙ୍କ ବାଣ ଆକାଶରେ ହିଁ କଟି ଧରାଶାୟୀ ହୋଇଗଲା । ତୃତୀୟ ଅସ୍ତ୍ରଟି ବାକି ଥିଲା । ଏହାରି ଉପରେ ଅନ୍ତିମ ନିର୍ଣ୍ଣୟ ନିର୍ଭର କରୁଥିଲା । ଭଗବାନ ଶ୍ରୀକୃଷ୍ଣ କହିଲେ - ''ମୋର ବାରମ୍ବାର ଅବତାର ନେଇ ଧରାର ଭାରକୁ ଲାଘବ କରିବାର ପୁଣ୍ୟ ଅର୍ଜୁନଙ୍କର ଏହି ବାଣ ସହିତ ଯୋଡ଼ି ହେଉ ।'' ଅନ୍ୟ ପକ୍ଷରେ ପରମାର୍ଥୀ ସୁଧନ୍ୱା କହିଲେ- ''ଯଦି ମୁଁ କ୍ଷଣେ ମଧ ସ୍ୱାର୍ଥର ଚିନ୍ତନ ନ କରି ମନକୁ ନିରନ୍ତର ପରମାର୍ଥରେ ନିରତ ରଖିବି ତେବେ ମୋର ପୁଣ୍ୟ ମୋର ଏଇ ବାଣ ସହିତ ଯୋଡ଼ି ହେଉ ।''' ଏଥର ମଧ ସୁଧନ୍ୱାଙ୍କ ବାଣ ବିଜୟୀ ହେଲା । ତାହା ଅର୍ଜୁନଙ୍କ ବାଣକୁ କାଟିଦେଲା । ଦୁଇ ପକ୍ଷ ମଧରୁ କିଏ ଅଧିକ ସମର୍ଥ, ଏହାର ସୂଚନା ଦେବଲୋକ ପର୍ଯ୍ୟନ୍ତ ପହଞ୍ଚି ଯିବାରୁ ସମସ୍ତ ଦେବଗଣ ସଦ୍‌ଗୃହସ୍ଥ ସୁଧନ୍ୱାଙ୍କ ଉପରେ ଆକାଶରୁ ପୁଷ୍ପ ବୃଷ୍ଟି କରିବାକୁ ପହଞ୍ଚିଲେ । ପରାଜିତ ଅର୍ଜୁନଙ୍କ ଶୋକର ସୀମା ରହିଲା ନାହିଁ । ନିଜର ପ୍ରତିଜ୍ଞା ପୂରଣ ନ ହେବାର ଦେଖି ସେ ଅତ୍ୟନ୍ତ ଦୁଃଖୀ ହେଲେ ।

ଭଗବାନ ଶ୍ରୀକୃଷ୍ଣଙ୍କ ଲୀଳା ଏବେ ଏକ ନୂଆ ମୋଡ଼ ନେଲା । କଟି ଯାଉଥିବା ବାଣର ମୁନ ସ୍ୱୟଂ ଉଠିଗଲା ଓ ତାହା ଭକ୍ତ ସୁଧନ୍ୱାଙ୍କ ମୁଣ୍ଡକୁ ଶରୀରରୁ ଅଲଗା କରିଦେଲା । ସେହି ମୁଣ୍ଡ ଆକାଶ ମାର୍ଗରେ ଉଡ଼ିଯାଇ ଭଗବାନ ଶ୍ରୀକୃଷ୍ଣଙ୍କ ଶ୍ରୀଚରଣରେ ପଡ଼ିଲା । ଭଗବାନ ଶ୍ରୀକୃଷ୍ଣ ତାହାକୁ ବଡ଼ ଆଦରରେ ଉଠାଇଲେ । ସେଥି ମଧରୁ ଗୋଟିଏ ଜ୍ୟୋତି ବାହାରି ଭଗବାନଙ୍କ ଶରୀରରେ ଲୀନ ହୋଇଗଲା ।

ଏହି ପରି ଭକ୍ତ ଭୟହାରୀ ଭଗବାନ ନିଜର ଦୁଇ ଭକ୍ତଙ୍କର ପ୍ରତିଜ୍ଞା ପୂର୍ଣ୍ଣ କଲେ । ଯୁଦ୍ଧ ସମାପ୍ତ କରି ଦିଆଗଲା, କିନ୍ତୁ ସୁଧନ୍ୱାଙ୍କ ସାମର୍ଥ୍ୟ ଓ ଶ୍ରୀକୃଷ୍ଣଙ୍କର ସୁଧନ୍ୱାଙ୍କ ଉପରେ ହୋଇଥିବା ଏହି ଅହେତୁକ କୃପାକୁ ଦେଖି ଅର୍ଜୁନ ଆଚମ୍ଭିତ ହେଲେ ଓ ଦ୍ୱନ୍ଦ୍ୱରେ ପଡ଼ିଗଲେ । ଅର୍ଜୁନଙ୍କ ମନୋଦଶାକୁ ଉତ୍ତମ ରୂପେ ଜାଣିଥିବା ଯୋଗେଶ୍ୱର ଭଗବାନ ଶ୍ରୀକୃଷ୍ଣ ତାଙ୍କ ଆଡ଼କୁ ଚାହିଁ ମୃଦୁ ହସିଲେ ଓ ତାଙ୍କ ଦ୍ୱନ୍ଦ୍ୱର ସମାଧାନ କରି କହିଲେ- ''ପାର୍ଥ ! ଚକିତ ହୁଅ ନାହିଁ, ଏହା ସଦ୍‌ଗୃହସ୍ଥର ବାସ୍ତବିକ ସାମର୍ଥ୍ୟ ।''

ସଦ୍‌ଗୃହସ୍ଥର ଆତ୍ମୀୟତାର ପରିସର କ୍ରମଶଃ ବଢ଼ିଯାଏ । ଏକାକୀରୁ ପତି-ପତ୍ନୀ ମଧରେ, ସମ୍ପର୍କୀୟ, ପଡ଼ୋଶୀ, ଗାଁ, ପ୍ରାନ୍ତ-ପ୍ରଦେଶ, ରାଷ୍ଟ୍ର ଓ ବିଶ୍ୱରେ ଏହି ଆତ୍ମୀୟତା କ୍ରମଶଃ ବଢ଼ିଥାଏ । ଶେଷରେ ସମସ୍ତ ଜଡ଼-ଚେତନରେ ଆତ୍ମଭାବ ବ୍ୟାପିଯାଏ ଏବଂ ଜୀବ ସମ୍ପୂର୍ଣ୍ଣ ରୂପେ ଆତ୍ମସଂଯମୀ ହୋଇଯାଏ । ଗୃହସ୍ଥ ଯୋଗର ଏହି ଛୋଟ ସର୍ବସୁଲଭ ସାଧନା ଯେବେ ନିଜର ବିକଶିତ ଅବସ୍ଥା ପର୍ଯ୍ୟନ୍ତ ପହଞ୍ଚେ ତ ଆତ୍ମା ପରମାତ୍ମା ହୋଇଯାଏ ଏବଂ ପୂର୍ଣ୍ଣତା ପ୍ରାପ୍ତି ହୋଇଥାଏ । ସଦ୍‌ଗୃହସ୍ଥର ମହତ୍ତ୍ୱ ଉପରେ ଆଲୋକପାତ କରି ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ବୁଝାଇଲେ ଯେ ଗୃହସ୍ଥ ଏକ ବିଶିଷ୍ଟ ସ୍ତରର ସାଧନା, ଯେଉଁଥିରେ ଯୋଗୀ ଭଳି ପ୍ରଜ୍ଞା ଓ ତପସ୍ୱୀ ଭଳି ପ୍ରଖର ପ୍ରତିଭାର ପରିଚୟ ଦେବାକୁ ପଡ଼ିଥାଏ । କଳାକାର ନିଜେ ନିଜକୁ ସାଧୁଥାଏ, କିନ୍ତୁ ଗୃହସ୍ଥକୁ ଏକ ସମଗ୍ର ସମୁଦାୟର ବିଭିନ୍ନ ପ୍ରକୃତି ଓ ସ୍ଥିତିର ଲୋକଙ୍କ ନିର୍ମାଣ କରିବାକୁ ପଡ଼ିଥାଏ । ଏହି କାର୍ଯ୍ୟ ସଘନ ଆତ୍ମୀୟତା, ସମଗ୍ର ଦୂରଦର୍ଶିତା ଓ ସମର୍ଥ ତତ୍ପରତା ଦ୍ୱାରା ସମ୍ଭବ ହୋଇପାରେ । ଏଥିପାଇଁ ପୃଥିବୀ ପରି ସହନଶୀଳତା, ପର୍ବତ ପରି ଧୈର୍ଯ୍ୟ ଧାରଣ ଏବଂ ସୂର୍ଯ୍ୟଙ୍କ ଭଳି ପ୍ରଖରତାର ସମନ୍ୱୟ କରିବାକୁ ପଡ଼ିଥାଏ । ପୂର୍ଣ୍ଣ ନିଷ୍ଠା ଓ ସଠିକ ଢଙ୍ଗରେ ସାଧୁ ଗୃହସ୍ଥ ଧର୍ମ କିପରି ଫଳିତ ହୋଇଥାଏ, ଏହା ତୁମେ ଏବେ ଦେଖିଲ ସଦ୍‌ଗୃହସ୍ଥର ସାମର୍ଥ୍ୟକୁ ଜାଣି ମହାରଥୀ ଅର୍ଜୁନ ମଧ ସ୍ୱୟଂକୁ କୃତକୃତ୍ୟ ଅନୁଭବ କଲେ ।

## ବସନ୍ତ ମିଳନ ଓ ଫାଲଗୁନ ମହୋତ୍ସବ

ବରଗଡ଼ : ସଂଯୁକ୍ତ ଯୁବ ସଂଗଠନ ପରିଚାଳିତ ଶାନ୍ତି ତପୋବନ ଆଶ୍ରମ, ମାତୃଛାୟା ଓ ବାନପ୍ରସ୍ଥ ତରଫରୁ ବସନ୍ତ ବସନ୍ତ ମିଳନ ଓ ଫାଲଗୁନ ମହୋତ୍ସବ ଉଦଯାପିତ ହୋଇଯାଇଛି ।

ଏହି ଉତ୍ସବର ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ବିଧାୟକ ଶ୍ରୀ ବୃନ୍ଦାବନ ମାଝୀ, ଅବସରପ୍ରାପ୍ତ କୁଚିଣ୍ଡା କଲେଜ ଅଧକ୍ଷ ସୁବାଷ ନାୟକ, ପଦ୍ମ ଶ୍ରୀ ଡକ୍ଟର ଜିତେନ୍ଦ୍ରିୟ ହରିପାଲ ଓ ଔପନ୍ୟସିକ ସେନାପତି ମହାପାତ୍ର, ତାଲପଦର କଲେଜ ଇଂରାଜୀ ଅଧାପକ ସୁକୁମାର ପଧାନ, ଓ ଶ୍ରୀ ନିହାଲ ସିଂ ପ୍ରମୁଖ ଯୋଗ ଦେଇଥିଲେ । ଏହି ଉତ୍ସବରେ ଶ୍ରୀ ରମାକାନ୍ତ ତ୍ରିପାଠୀ ଅଧକ୍ଷତା କରିଥିଲେ । ଶ୍ରୀ ଗୌର ଚରଣ ସା ଙ୍କ ସଂଯୋଜନାରେ ଆୟୋଜିତ ହାସ୍ୟ ଓ ବ୍ୟଙ୍ଗ କବି ସମ୍ମିଳନୀରେ ଶ୍ରୀ ବିନ୍ଦୁ ମଲ୍ଲିକ, ଭୋଳା ପଣ୍ଡା, ଦେବେନ୍ଦ୍ର ସାହୁ, ହୀରାଲାଲ ସାହୁ, ସଞ୍ଜୟ ମେହେର, ଅର୍ଜୁନ ମେହେର, ଶିବ ଶଙ୍କର ପଧାନ, ରଂଜିତ ପଧାନ ଓ ଶ୍ରୀମତୀ ତୃପ୍ତି ମୟୀ ପଣ୍ଡା ପ୍ରମୁଖ ନିଜ ନିଜ ହାସ୍ୟ, ବ୍ୟଙ୍ଗ କବିତା ପାଠ ସହ ଅଭିନୟ କରିଥିଲେ । ଆଶ୍ରମ ମୁଖ୍ୟ ପରିଚାଳକ ଶ୍ରୀ ଦେବଦତ୍ତ ତ୍ରିପାଠୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ଥିବା ବେଳେ ସହ ପରିଚଳିକା ଲବଙ୍ଗ ସାହୁ ଶ୍ରୀ ପରଦେଶୀ ବାରିକ, ସନ୍ଧ୍ୟା ମିଶ୍ର, ଉମେଶ ଗଡ଼ତିୟା ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ପରଦେଶୀ ମେହେର ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ନାଗରିକ ସମନ୍ୱୟ କମିଟିର ପ୍ରତିଷ୍ଠା ଦିବସ

ସମ୍ବଲପୁର : ଧନୁପାଲି, ଗୋବିନ୍ଦତୋଲା, ଭତରା ଓ ପୁଟିବନ୍ଧକୁ ନେଇ ଗଠିତ ନାଗରିକ ସମନ୍ୱୟ କମିଟିର ପ୍ରଥମ ପ୍ରତିଷା ଦିବସ ପାଳିତ ହୋଇଯାଇଛି । ସଂଗଠନ ସଭାପତି ରାଜେନ୍ଦ୍ର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଡାକ୍ତର ବିଶ୍ୱନାଥ ମିଶ୍ର ଓ ସମ୍ମାନିତ ଅତିଥି ଭାବେ ଧନୁପାଲି ଥାନାଧିକାରୀ ଅନିତା ପ୍ରଧାନ ଯୋଗ ଦେଇଥିଲେ । ଉପସଭାପତି ଦାମୋଦର କର ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ତପନ ଗୁରୁ ଓ କୋଷାଧକ୍ଷ ଶ୍ୱେତ କୁମାର ପଣ୍ଡା ଯଥାକ୍ରମେ ବାର୍ଷିକ ବିବରଣୀ ଓ ଆୟବ୍ୟୟ ଉପସ୍ଥାପନ କରିଥିଲେ । ପରେ ପ୍ରତିନିଧି ଅଧିବେଶନରେ ସଭ୍ୟମାନେ ନିଜ ନିଜ ଅଞ୍ଚଳର ସମସ୍ୟା ଉପସ୍ଥାପିତ କରିଥିଲେ । ପାନୀୟ ଜଳ ଯୋଗାଣରେ ଚରମ ଅବ୍ୟବସ୍ଥା, ପରିମଳ ବ୍ୟବସ୍ଥାରେ ତଦାରଖ ସହ ସବୁ ଜାଗାକୁ ସଫେଇ କର୍ମଚାରୀ ଯୋଗାଣ, ରାସ୍ତାଘାଟ, ଟ୍ରାଫିକ ସମସ୍ୟା, ନାଳ ନର୍ଦ୍ଦମା, ରାସ୍ତା ଆଲୁଅ, ଗୋବିନ୍ଦତୋଲା ନୂଆ ପୋଲ ଉପର ବସୁଥିବା ମାର୍କେଟ ସ୍ଥାନାନ୍ତର, ଗୋପାଳଜୀ ମନ୍ଦିର ପୋଖରୀର ପୁନରୁଦ୍ଧାର ସହ ହିଡ଼, ନାଳ ଓ ରାସ୍ତା ଉପରୁ ଜବରଦଖଲ ଉଚ୍ଛେଦ, ଭତରାରେ ଧାନମିଲର ଚିମିନି ପ୍ରଦୂଷଣ, ନାଲି ନିର୍ମାଣ ବେଳେ ଜଳ ନିଷ୍କାସନ ପାଇଁ କୁଶଳୀ ବ୍ୟବସ୍ଥା ପ୍ରୟୋଗ, ଧନୁପାଲି ଛକର ଆଧୁନିକୀକରଣ ସହ ପାନୀୟଜଳ ଓ ଶୌଚାଳୟ ନିର୍ମାଣ, ସ୍ୱେରେଜ୍ ବୋର୍ଡ଼ର ଅଧପନ୍ତରିଆ କାମ ସାରିବା, ବିଦ୍ୟୁତ୍ ବକେୟା ବିଲ୍ ଆଦାୟ ନାଁରେ ଜୁଲୁମ ଆଦି ବିଷୟରେ ଆଲୋଚନା କରାଯାଇଥିଲା । ପାନୀୟ ଜଳ ସମସ୍ୟା ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା । ଏ ଦିଗରେ ତୁରନ୍ତ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ପ୍ରସ୍ତାବ ଗୃହୀତ ହୋଇ ଅବଶ୍ୟକସ୍ଥଳେ ଶାନ୍ତିପୂର୍ଣ୍ଣ ଧାରଣା ଦେବାକୁ ସ୍ଥିର ହୋଇଥିଲା । ସଂଗଠନ ଉପସଭାପତି କପିଳେନ୍ଦ୍ର ସାହୁ ଓ ଯୁଗ୍ମ ସମ୍ପାଦକ ସୁଧୀର କୁମାର ଦାଶ ମଞ୍ଚାସୀନ ଥିଲେ । ଉପସଭାପତି ବିଜୟଲକ୍ଷ୍ମୀ ବେହେରା ଧନ୍ୟବାଦ ଦେଇଥିଲେ ।




## ଓଡିଶା ସାଂସ୍କୃତିକ ସମାଜ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

ସମ୍ବଲପୁର : ଓଡିଶା ସାଂସ୍କୃତିକ ସମାଜର ସୁବର୍ଣ୍ଣ ଜୟନ୍ତୀ ଅବସରରେ ଉତ୍ସର୍ଗ ଓ ବିକାଶ ମଲ୍ଟିସ୍ପେସାଲିଟି ଡାକ୍ତରଖାନାର ମିଳିତ ସହାୟତାରେ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା । ଡାକ୍ତର ବ୍ରଜ ମୋହନ ମିଶ୍ର ମୁଖ୍ୟ ଅତିଥି ଓ ବିକାଶ ହସ୍ପିଟାଲର ଅଧକ୍ଷ ଡି.ମୂରଲୀ କ୍ରୀଷ୍ଣା ଏବଂ ଡାକ୍ତର ଏଲ୍.କେ ବର୍ମା ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ । ପରେ ଅନୁଷ୍ଠାନ ସଭାପତି ପ୍ରଫୁଲ୍ଲ ହୋତା ଶିବିରର ଆଭିମୁଖ୍ୟ ଉପରେ କହିଥିଲେ । ଶିବିରକୁ ଡାକ୍ତର ଏଲ୍.ପି ଦାଶ, ଡାକ୍ତର ସୁନୀଲ କୁମାର କର, ଡାକ୍ତର ଆଶିଷ ନାୟକ, ଡାକ୍ତର ଦିନେଶ କୁମାର ସାହୁ, ଡାକ୍ତର ଦିଶା ଖାନ୍ନା, ଡାକ୍ତର ମୁକେଶ ଦ୍ୱିବେଦୀ, ଡାକ୍ତର ସ୍ମୃତି ଅଗ୍ରୱାଲ, ଡାକ୍ତର ରାଜକୁମାର ବଡପଣ୍ଡା ପରିଚାଳନା କରିଥିଲେ । ଶେଷରେ ଶ୍ରୀ ପ୍ରଶାନ୍ତ ପାଟ୍ଟଯୋଷୀ ଧନ୍ୟବାଦ ଦେଇଥିଲେ ।



## ତାଳପଟିଆରେ ୨୪ ପ୍ରହରୀ ନାମଯଜ୍ଞ

ଝାରସୁଗୁଡ଼ା : ପ୍ରତ୍ୟେକ ବର୍ଷ ଭଳି ଚଳିତବର୍ଷ ମଧ ଚୈତନ୍ୟ ଜୟନ୍ତୀ ଅବସରରେ ତାଳପଟିଆ ଗ୍ରାମରେ ୨୪ ପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗ୍ରାମର ଅନିଶ ନାୟକ ସପତ୍ନୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ଶ୍ରୀ ରୋହିତ କୁମାର ମହାପାତ୍ର ପୂଜାର୍ଚ୍ଚନା କରିଥିବା ବେଳେ ଏଥିରେ ଆଖପାଖ ଅଞ୍ଚଳର ୩୫ ଟି ଦଳ କୀର୍ତ୍ତନ ଦଳ ଯୋଗ ଦେଇଥିଲେ ।

## ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆଙ୍କ ୮୦ ତମ ଜୟନ୍ତୀ ପାଳିତ



ସମ୍ବଲପୁର: ବିଶିଷ୍ଟ ସମ୍ବଲପୁରୀ ଗୀତିକାର ତଥା ଚର୍ଚ୍ଚିତ ରଙ୍ଗବତୀ ଗୀତର ଗୀତିକାର ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆଙ୍କ ଜନ୍ମ ଦିନ କୁ ତାଙ୍କ ଗ୍ରାମ ରଙ୍ଗ ଅତି ବିଲୁଙ୍ଗରେ ରଙ୍ଗବତୀ କ୍ରୀଡା, ସଂସ୍କୃତି ଓ ଶିକ୍ଷାନୁଷ୍ଠାନ ତଥା ତାଙ୍କ ଶୁଭେଚ୍ଛୁଙ୍କ ଦ୍ୱାରା ମହା ସମାରୋହରେ ପାଳିତ ହୋଇ ଯାଇଛି । ଏଥିରେ ଅବସର ପ୍ରାପ୍ତ କଲେଜ୍ ଅଧକ୍ଷ ତଥା ସାହିତ୍ୟିକ ସୁବାସ ଚନ୍ଦ୍ର ନାୟକ, ମହୁଲପାଲି ଥାନାର ସବ୍ ଇନ୍ସପେକ୍ଟର ତଥା ସମ୍ବଲପୁରୀ କବି ସୁଶାନ୍ତ ଦାସ, କୁଚିଣ୍ଡା କଳା ପରିଷଦର ମଳୟ ବେହେରା, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ଖିତୁନାଥ ପିଙ୍କ, ପରିବେଶ ବିତ ରବୀନ୍ଦ୍ର କୁମାର ଦାସ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ପଦ୍ମଶ୍ରୀ ମିତ୍ରଭାନୁ ପଶ୍ଚିମ ଓଡ଼ିଶାର ରତ୍ନ ବୋଲି ଅଭିହିତ କରିଥିଲେ । ଏହି ଅବସରରେ ପଦ୍ମଶ୍ରୀ ଗୋନ୍ତିଆଙ୍କ ଆଗ୍ରହ କ୍ରମେ କୁଚିଣ୍ଡାରୁ ଏକ ସମ୍ବଲପୁରୀ ପତ୍ରିକା ଓ ସମ୍ବଲପୁରୀ କବି ସମ୍ମିଳନୀ କରାଯିବ ବୋଲି ସାହିତ୍ୟିକ ସୁବାସ ନାୟକ ଘୋଷଣା କରିଥିଲେ । ପ୍ରଥମେ ଶ୍ରୀ ଗୌନ୍ତିଆ ଜନ୍ମ ଦିନ ଉପଲକ୍ଷେ ଅତିଥି ଓ ପରିବାର ସଦସ୍ୟଙ୍କ ଗହଣରେ ବୃକ୍ଷ ରୋପଣ କରିବା ପରେ ତାଙ୍କୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯିବା ସହ ୮୧ ଟି ଦୀପ ପ୍ରଜ୍ୱଳନ ସହ କେକ କାଟିଥିଲେ । ତାପରେ ରାତ୍ର କାଳୀନ ବେଡ ମିଣ୍ଟନ ଟୁର୍ଣ୍ଣାମେଣ୍ଟକୁ ଗୌନ୍ତିଆ ଉଦଘାଟନ କରିବା ସହ ୫୦ ଜଣ କଳାକାର ଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ ।

## ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

### Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

### Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ଫଟୋରେ ପଶ୍ଚିମ ଓଡ଼ିଶା ସଂକୀର୍ତ୍ତନ ପରିଷଦର ବାର୍ଷିକୋତ୍ସବ















## ସହସ୍ରାକ୍ଷ ଷଡ଼ଙ୍ଗୀଙ୍କ ପରଲୋକ



ସମ୍ବଲପୁର : ୧୯୮୦ ମସିହା ଛାତ୍ର ଆନ୍ଦୋଳନର ଅନ୍ୟତମ ସକ୍ରିୟ ନେତା ତଥା ସାକ୍ଷୀପଡ଼ା ନିବାସୀ ସହସ୍ରାକ୍ଷ ଷଡ଼ଙ୍ଗୀଙ୍କର ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୬୪ବର୍ଷ ବୟସ ହେଉଥିଲା । ଅବିବାହିତ ଥିବା ସହସ୍ରାକ୍ଷ ସମ୍ବଲପୁର ସହରର ଜଣେ ଜଣାଶୁଣା ସମାଜସେବୀ ଥିଲେ । ସେ ସମ୍ବଲପୁରୀ ଚଳଚ୍ଚିତ୍ର ଉଲ୍‌ଗୁଲାନ୍ ସମେତ ୬ରୁ ଅଧିକ ଓଡ଼ିଆ ଓ ପ୍ରାମାଣିକ ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି । ଅନେକ ଓଡ଼ିଆ ସିନେମା ନିର୍ମାଣ ପାଇଁ ସେ ଆର୍ଥିକ ପ୍ରୋତ୍ସାହନ ଦେଇଥିଲେ । ଏହା ବ୍ୟତୀତ ରକ୍ତଦାନ ଭଳି ବିଭିନ୍ନ ସାମାଜିକ କାର୍ଯ୍ୟରେ ସକ୍ରିୟ ଥିଲେ । ସ୍ୱର୍ଗତ ଷଡ଼ଙ୍ଗୀ ତାଙ୍କ ପଛରେ ବଡ଼ଭାଇ ଟାଉନ ହୋଟେଲର ମାଲିକ, ସାନଭାଇ ତ୍ରିବେଣୀ ହୋଟେଲର ମାଲିକ ଧିରେଶ୍ୱର ଷଡ଼ଙ୍ଗୀ ଓ ଅନ୍ୟ ଦୁଇଭାଇଙ୍କୁ ଛାଡି ଯାଇଛନ୍ତି ।

**ନିକଟରେ ସମ୍ବଲପୁରରେ ଅନୁଷ୍ଠିତ ଓଡ଼ିଶା ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ରେଢ଼ୁଆପଡ଼ା ଆଇରନ ଜିମ୍‌ର ମଲୟ ସାୟତ ଚତୁର୍ଥ ସ୍ଥାନ ଅଧିକାର କରିଥିବା ବେଳେ ମାଷ୍ଟର କେଟାଗୋରୀରେ ସୁରେନ୍ଦ୍ର କୁମାର ପ୍ରଧାନ ଉତ୍ତୀର୍ଣ୍ଣ ହୋଇଛନ୍ତି ।**




Printed, Published and Owned by Hemanta Kumar Mahapatra, Printed at Impressions Press,Sambalpur, Office Phone: 0663-2400945
e-mail: hemantamahapatra@yahoo.com Editor : Hemanta Kumar Mahapatra